## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ସୁନାବେଡା,୨୦।୩(ସ୍ୱ.ପ୍ର.)- ସୁନାବେଡା ଥାନା ଅଧୀନ ଗଞ୍ଜାମକଲୋନୀ ମର୍ଚ୍ଚିସାହିର ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୌରହରି ମହାନ୍ତିଙ୍କ ସ୍ତ୍ରୀ ଲିଜା (୨୭)। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଖବର ପାଇ ଏସ୍ଆଇ ସଞ୍ଜୀବ ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। କେସ ନଂ. ୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବେହେରା କହିଛନ୍ତି।

### ବାଡେଲରେ ଜନଶୁଣାଣି ଶିବିର

ନନ୍ଦପୁର,୨୦।୩ (ଡି.ଏନ.ଏ.)-କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଅଭିଯୋଗ ଶିବିର ବିଡିଓ ସୁଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତୁଳା ହଂସା, ସମିତି ସଭ୍ୟ, ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚାୟତବାସୀଙ୍କ ୭ଟି ସାମୁହିକ ଅଭିଯୋଗ ଶୁଣାଣି ଲାଗି ଆସିଥିଲା। ଅଭିଯୋଗଗୁଡିକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରାଯିବ ବୋଲି ବିଡିଓ ମିଶ୍ର କହିଥିଲେ। ଏସସିଓ ଅର୍ଜୁନ ମାଝୀ ଶିବିର ପରିଚାଳନା କରିଥିଲେ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୨୦।୩(ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସ, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା।

### ଘୂର୍ଣ୍ଣିଝଡରେ ବୃଦ୍ଧା ଆହତ

ଦଶମନ୍ତପୁର,୨୦।୩ ( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ମରିଚଗୁଡା ଗ୍ରାମରେ ଜଣେ ବୃଦ୍ଧା ସାଲାଇ ସାଉନ୍ତା (୬୦)ଙ୍କ ଆଜବେଷ୍ଟ ଉଡ଼ିଯାଇଛି। ତେବେ ସାଲାଇଙ୍କ କିଛି କ୍ଷତି ହୋଇନାହିଁ। ରବିବାର ଅପରାହ୍ନରେ ସାଲାଇ ତାଙ୍କ ଘର ପିଣ୍ଡାରେ ବସିଥିଲେ। ଏହି ସମୟରେ ଘୂର୍ଣ୍ଣିଝଡ ହୋଇ ବର୍ଷା ହୋଇଥିଲା। ତାଙ୍କ ଘର ଆଜବେଷ୍ଟସ ଉଡି ଭାଙ୍ଗି ନଷ୍ଟ ହୋଇଯାଇଥିଲା। କିଛି ଆଜବେଷ୍ଟସ ଖଣ୍ଡ ସାଲାଇଙ୍କ ମୁଣ୍ଡ ଓ ଡାହାଣ ହାତରେ ପଡ଼ିଥିଲା। ସେ ଆହତ ହୋଇ ଭୟରେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ସରପଞ୍ଚ ନବୀନ ମୁଦୁଲି ଓ କେତେ ଜଣ ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସାଲାଇଙ୍କ ଘରର ସ୍ଥିତି ଦେଖି ତାଙ୍କପାଇଁ ଗୋଟେ ଅବାସ ଗୃହ ବ୍ୟବସ୍ଥା କରାଇ ଦେବି ବୋଲି ସରପଞ୍ଚ ମୁଦୁଲି କହିଛନ୍ତି। ତେବେ ସାଲାଇଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଉମୁରି ଲ୍ୟାମ୍ପ ପକ୍ଷରୁ ଋଣ ପ୍ରଦାନ ନେଇ ବୈଠକ

ଜୟପୁର, ୨୦।୩(ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ଲ୍ୟାମ୍ପ ପକ୍ଷରୁ ଡଙ୍ଗରଛିଞ୍ଚିରେ ବ୍ୟାଙ୍କ ସେବା ଓ ଋଣ ସମ୍ପର୍କିତ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ସଭାପତି ଭଗବାନ କେନ୍ଦୁ, ଉପ ସଭାପତି ରୋଇଲା ଗାଦବା, ନିର୍ଦ୍ଦେଶକ ଇନ୍ଦିରା ନନ୍ଦ, ସୂର୍ଯ୍ୟ ଭାନୁ ପାଢ଼ୀ, ପ୍ରେମ ରଞ୍ଜନ ସାହୁ, ଈଶ୍ୱର ବାଘ, ବିନୋଦ ଚନ୍ଦ୍ର ପାତ୍ର, ପ୍ରମୋଦ ଚନ୍ଦ୍ର ରାଉତ, କେସିସି ବ୍ୟାଙ୍କ ସଦର ଶାଖା ପରିଚାଳକ ଅତୁଲ୍ୟ ମଲ୍ଲିକ, ଏମ୍‌ଡି ସନ୍ତୋଷ ପାତ୍ର, ଉମୁରି ସରପଞ୍ଚ ସବିତା ନାୟକଙ୍କ ସମେତ ଅନ୍ତା, ଫାମ୍ପୁଣି, ଡଙ୍ଗରଛିଞ୍ଚି, ରଣ୍ଡାପାଲ୍ଲିର ସରପଞ୍ଚମାନେ ଉପସ୍ଥିତ ଥିଲେ। ଚାଷୀମାନଙ୍କୁ ସୁବିଧାରେ ଚାଷ ଋଣ ଯୋଗାଇ ଦେବା ସହ ଏସ୍ଏଚ୍‌ଜି ମହିଳାମାନଙ୍କୁ ଋଣ ଯୋଗାଇବା, ବଳରାମ ଯୋଜନାରେ କ୍ଷୁଦ୍ର ଚାଷୀ ଓ ଭାଗ ଚାଷୀଙ୍କୁ ଜେଏଲଜି ମାଧମରେ ଋଣ ଦେବାକୁ ନିଷ୍ପତ୍ତି ହୋଇଥିଲା।

### ମୃତଦେହ ଜବତ

ମାଲକାନଗିରି, ୨୦।୩ (ଡି.ଏନ.ଏ.)- ମାଲକାନଗିରି ଜିଲା ଓଡିଶା ରାଜ୍ୟ ବଣିଜ୍ୟ ମହାସଂଘ ଶାଖା ସମ୍ମୁଖରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସକାଳୁ ଏହି କାର୍ଯ୍ୟାଳୟ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡି ରହିଥିବା କିଛି ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ପୋଲିସର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଏହି ବ୍ୟକ୍ତି ଜଣକ ସେହି ବାଣିଜ୍ୟ ମହାସଂଘ କାର୍ଯ୍ୟାଳୟର କର୍ମଚାରୀ, ତାଙ୍କ ଘର କଳାହାଣ୍ଡି ଅଞ୍ଚଳରେ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପଟ୍ଟାମାଳିଗୁଡାବାସୀ

**ଜଳ ସମସ୍ୟା**

କୋରାପୁଟ,୨୦।୩(ସ୍ୱ.ପ୍ର.)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

ପାନୀୟ ଜଳ ସମସ୍ୟା ନେଇ ସୋମବାର ଜିଲାପାଳଙ୍କ ଦାରସ୍ଥ ହୋଇଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡାଗଡ଼ ପଞ୍ଚାୟତର ପଟ୍ଟାମାଳିଗୁଡା ଗ୍ରାମବାସୀ। ଗ୍ରାମରେ ୮୦ ପରିବାର ବସବାସ କରୁଥିବା ବେଳେ ମାତ୍ର ୩ଟି ନଳକୂଅ ରହିଛି। ଏହି ୩ ନଳକୂପରୁ ଠିକ୍ ଭାବେ ପାଣି ଆସୁ ନ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ଗ୍ରାମରେ ଏକ ସୋଲାର ପକଳ୍ପ ହୋଇଥିଲା। ମାତ୍ର ଅଳ୍ପ ଦିନ ଭିତରେ ସୋଲାର ପକଳ୍ପର ପାଣି ଟାଙ୍କି ଫାଟିଯିବାରୁ ସେଥିରୁ ପାଣି ଗଳୁଛି। ଟାଙ୍କିରେ ପାଣି ରହୁ ନ ଥିବା ଯୋଗୁ ଗ୍ରାମବାସୀ ଟାଙ୍କିରୁ ପାଣି ପାଇପାରୁ ନାହାନ୍ତି। ଉକ୍ତ ପାଣି ଟାଙ୍କିକୁ ମରାମତି କରିବା ଲାଗି ୩ ମାସ ହେଲା ସେମାନେ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଶେଷରେ ବାଧ ହୋଇ ଆମେ ଚୁଆ ନାଳ ପାଣି ବ୍ୟବହାର କରୁଛୁ ବୋଲି ଗ୍ରାମବାସୀ କୋମଳ ଲୋଚନ ମାଳି, ମଧୁ ମାଳି, ସହଦେବ ମାଳି, ପୂର୍ଣ୍ଣିମା ମାଳିଙ୍କ ସମେତ ଅନ୍ୟମାନେ କହିଛନ୍ତି।

# ଆମେରିକା ଜାଣିଲା କୋରାପୁଟ ଦେଓମାଳିର ଔଷଧୀୟ ଗଛ ଉପାଦେୟତା

**ଗବେଷକ ହରି ପାଙ୍ଗି ଦେଲେ ସବୁ ସୂଚନା**

କୋରାପୁଟ, ୨୦।୩(ସ୍ୱ.ପ୍ର.)




ହରି ପାଙ୍ଗି

ଆମେରିକା ଜାଣିଲା କୋରାପୁଟ ଦେଓମାଳିର ଔଷଧୀୟ ଗଛର ଉପାଦେୟତା । ଏନେଇ ସେଠାରେ ଇଣ୍ଟର ନ୍ୟାଶସନାଲ ଭିଜିଟର୍ସ ଲିଡରଶିପ ଟ୍ରେନିଂ ପୋଗ୍ରାମ (ଆଇଭିଏଲ ଟିପି) କାର୍ଯ୍ୟକ୍ରମରେ ଯୋଗଦେଇ କୋରାପୁଟର ଗବେଷକ ହରି ପାଙ୍ଗି ସମସ୍ତ ସୂଚନା ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ତଥା ଜୈବ ବିବିଧତା ବିଷୟରେ ଅନୁଷ୍ଠିତ ଏହି ଆନ୍ତର୍ଜାତୀୟ ସମ୍ମିଳନୀରେ ପାଙ୍ଗି ଦେଓମାଳି ଅଞ୍ଚଳର ପାରମ୍ପରିକ ଔଷଧୀୟ ବୃକ୍ଷ ଓ ଜଳବାୟୁ ଉପରେ ଏହାର ପ୍ରଭାବ ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରି ଗ୍ରାମାଞ୍ଚଳରେ ଏହି ଔଷଧୀୟ ଗୁଳ୍ମ ଓ ବୃକ୍ଷ ଲୋକଙ୍କୁ ବିଭିନ୍ନ ରୋଗରୁ କିପରି ସୁରକ୍ଷା ପ୍ରଦାନ କରିଥାଏ ସେ ସଂପର୍କରେ ମତ ରଖିଥିଲେ। ସମଗ୍ର ଓଡ଼ିଶାରୁ ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ଯୋଗଦେବା ପାଇଁ ପାଙ୍ଗି ଏକମାତ୍ରେ ବ୍ୟକ୍ତି ରୂପେ ମନୋନୀତ ହୋଇଥିଲେ। କୋରାପୁଟ ଜିଲାର ପାହାଡ ପର୍ବତ ଓ ଜଙ୍ଗଲରେ ବିଷଲ୍ୟକରଣି, ଗଙ୍ଗଶିଉଳି, କୋଚିଲା, ଗୁଡମାରି ଭଳି ପାରମ୍ପରିକ ଔଷଧୀୟ ବୃକ୍ଷ ରହିଛି । ଏହାକୁ ଉପଯୋଗ କରି ସେ ପାରମ୍ପରିକ ଜ୍ଞାନ କୌଶଳରେ ଲୋକଙ୍କ ଚିକିତ୍ସା କରି ଚାଲିଛନ୍ତି ବୋଲି ଏହି ଆନ୍ତର୍ଜାତୀୟ ମଞ୍ଚରେ ଅବଗତ କରାଇ ପ୍ରଶଂସିତ ହୋଇଛନ୍ତି।

# ଚାଷୀଙ୍କୁ ଦେଖି ଦୌଡ଼ିଲେ କୁନ୍ଦୁରା ଲାମ୍ପସ କର୍ମଚାରୀ

**ଚାଷୀଙ୍କ ଜାଲ୍ ଦସ୍ତଖତରେ ଟଙ୍କା ହଡପ ଅଭିଯୋଗ**

- ଡିଆରସିଏସ୍‌ଙ୍କ ଦ୍ୱାରସ୍ଥ ହେଲେ ଚାଷୀ
- ୨୦ରୁ ୨୫ ହଜାର ଟଙ୍କାର ଋଣକୁ କରି ଦେଇଛନ୍ତି ଲକ୍ଷାଧିକ
- ସମସ୍ୟ ସମାଧାନ ନ କଲେ ଲାମ୍ପସ୍‌ରେ ପଡ଼ିବ ତାଲା

ଜୟପୁର, ୨୦।୩(ନି.ପ୍ର.)

କୋରାପୁଟ ଜିଲା କୁନ୍ଦୁରା ଲାମ୍ପରେ ଜାଲ ଦସ୍ତଖତ କରି ଚାଷୀଙ୍କ ବହୁ ପରିମାଣର ଟଙ୍କା ଲୁଟ୍ ହୋଇଛି। ଏହା ଜାଣିବା ପରେ ଚାଷୀ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ଜାଣିବାକୁ ଚାଷୀମାନେ କୁନ୍ଦୁରା ଲାମ୍ପସକୁ ଯିବାରୁ ଚାଷୀଙ୍କୁ ଦେଖି ଲାମ୍ପ କର୍ମଚାରୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଦୌଡି ପଳାଇଥିଲେ। ଶେଷରେ ଚାଷୀମାନେ ଜୟପୁରସ୍ଥିତ ଉପ ନିବନ୍ଧକ ସମବାୟ ସମିତି ସମୂହଙ୍କ କାଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଡିଆରସିଏସ୍‌ଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ଦେଇଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଆମେ ଝଡଙ୍ଗା, ପ୍ରଧାନିପୁଟ, ଲିମା ଅଞ୍ଚଳର ଚାଷୀମାନେ କୁନ୍ଦୁରା ଲାମ୍ପସରୁ ୨୦, ୨୫ ହଜାର ଲେଖାଏ ଟଙ୍କା ଚାଷ ଋଣ ନେଇଥିଲୁ। ତେବେ ପାସ୍‌ବୁକ୍ ଯାଞ୍ଚ କରିବାରୁ ଆମମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ରହିଥିବା ଜାଣିବାକୁ ପାଇଥିଲୁ। ଲାମ୍ପସକୁ ପଚାରିବାକୁ ଯିବାରୁ କର୍ମଚାରୀମାନେ ଚାବି ପକାଇ ଚାଲି ଯାଇଥିଲେ। ଏପରି ଭାବେ କୁନ୍ଦୁରା ବ୍ଲକର ୧୬ଟି ପଞ୍ଚାୟତର ଶତାଧିକ ଚାଷୀଙ୍କ ଟଙ୍କା ସେମାନଙ୍କ ଜାଲ ଦସ୍ତଖତ ଓ ବଟୁ ଚିହ୍ନ ମାରି ଉଠାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସାର, ଔଷଧ କ୍ରୟ କରିବା ନାମରେ ମଧ୍ୟ ସେମାନଙ୍କ ନାମରେ ଋଣ କରାଯାଇଛି। ସବୁ ଚାଷୀଙ୍କ ପାସ ବୁକ ଓ ଚେକ୍ ବୁକ ରଖି ସେମାନଙ୍କ ନାମରେ ଦସ୍ତଖତ ଜାଲ କରି ଟଙ୍କା ଲୁଟ୍ କରିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ଦାବି କରିଛନ୍ତି। ଯଦି ସେମାନଙ୍କ ସମସ୍ୟା ସମାଧାନ ନ ହୁଏ ତେବେ କୁନ୍ଦୁରା ଲାମ୍ପସ୍‌ରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି । ଡିଆରସିଏସ୍ କାର୍ଯ୍ୟାଳୟକୁ ଚାଷୀ ଜେନା ଲମତା, ଲକ୍ଷ୍ମଣ ସ୍ୱାଇଁ, ମନଧର ନାୟକ, ସନ୍ତୋଷ କଟିଆ, ଦୀନବନ୍ଧୁ ନାୟକ, କମଳ ଲୋଚନ ଲମତା, ହରିପ୍ରିୟା ଲମତାଙ୍କ ସମେତ ଅନ୍ୟମାନେ ଯାଇଥିଲେ।



ଡିଆରସିଏସ୍ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

### ପାଣିରେ ବୁଡି ଛାତ୍ରଙ୍କ ମୃତ୍ୟୁ

ସୁନାବେଡା, ୨୦।୩ (ସ୍ୱ.ପ୍ର.)- ସୋମବାର ଥିଲା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ସରିବା ପରେ ସେମିଳିଗୁଡା ଗୋପବନ୍ଧୁ ନଗରର ୨ ଜଣ ଓ ସୁନାବେଡା ଅଞ୍ଚଳ ଜଣେ ଦଶମ ଶ୍ରେଣୀ ଛାତ୍ର ମିଶି ସୁନାବେଡାଠାରୁ ଏନ.ଏ.ଡି. ଯିବା ରାସ୍ତାରେ ଥିବା ହାଲର ପମ୍ପହାଉସ ନିକଟକୁ ବୁଲିବାକୁ ଯାଇଥିଲେ। ସେଠାରେ କୌଣସି କାରଣବଶତଃ ଜନ୍ମେଞ୍ଜୟ ଜେନାଙ୍କ ପୁଅ ଗୌତମ ଜେନା (୧୫) ପାଣିକୁ ଖସି ପଡିଥିଲେ। ଏହା ଦେଖି ସାଥୀ ଦ୍ୱୟ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଗୌତମଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ସନ୍ଧ୍ୟା ସାଢେ ୭ଟାରେ ଗୌତମଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏନେଇ ସୁନାବେଡା ଥାନାରେ ୧୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଚୋରା ବିଦେଶୀ ମଦ ଜବତ, ୨ ଗିରଫ



ସୁନାବେଡା,୨୦।୩( ସ୍ୱ.ପ୍ର. )

ସୁନାବେଡା ଥାନା ପୋଲିସ ପକ୍ଷରୁ ସୋମବାର ଚଢାଉ କରାଯାଇ ଚୋରାରେ ବିକ୍ରି ହେଉଥିବା ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଧରଣୀ ଧର କୁଳଦୀପ (୨୯) ଓ ଅମିତ କୁଳଦୀପ(୨୬)। ସେମାନଙ୍କ ଘର କାକିରିଗୁମ୍ମା ଥାନା ଅନ୍ତର୍ଗତ ବାରିଗାଁ ଗ୍ରାମରେ ବୋଲି ଜଣାପଡିଛି। ସୁନାବେଡା ଥାନା ଅନ୍ତର୍ଗତ ଦାମନଯୋଡି ଅଞ୍ଚଳ ଭେଜାପୁଟ ଗ୍ରାମର ଏକ ଘରେ ବିଦେଶୀ ମଦ ବିକ୍ରି ହେଉଥିବା ସୂଚନା ପାଇ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ବାଳକୃଷ୍ଣ ରଥ ଓ କର୍ମଚାରୀ ଭେଜାପୁଟରେ ସମ୍ପୃକ୍ତ ଘର ଉପରେ ଚଢାଉ କରି ଉଭୟଙ୍କଠାରୁ ୯୦.୮୭୫ ଲିଟର ବିଦେଶୀ ମଦ ଜବତ କରିଥିଲେ। କେସ୍ ନଂ ୪୫/୨୩ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।

### ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ କନଷ୍ଟେବଲ ଗିରଫ

ମାଲକାନଗିରି୨୦।୩, (ଡି.ଏନ୍.ଏ.)

ପୋଲିସ ଖାକିରେ ଦାଗ ଲାଗିଛି। ଜଣେ ପୋଲିସ କର୍ମଚାରୀ ଗଞ୍ଜେଇ ଚୋରା ଚାଲାଣ କରି ଧରାପଡି ଗିରଫ ହୋଇଛନ୍ତି। ସେ ହେଲେ ମାଲକାନଗିରି ଆଦର୍ଶ ଥାନାର କନେଷ୍ଟବଳ ମନୋଜ ମୁଦୁଲି। ଖବରରୁ ଜଣାପଡିଛି, ମାଲକାନଗିରି ଥାନା ମାର୍କାପାଲିଠାରେ ଜଣେ ଗଞ୍ଜେଇ ବ୍ୟବସାୟୀ ଶରତ ଚନ୍ଦ୍ର ହନ୍ତାଳ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଏସ୍‌ଡିପିଓ ଘଟଣା ସ୍ଥଳରେ ପହଞ୍ଚି ତାଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। ତାଙ୍କୁ ପଚରାଉଚରା ବେଳେ ସେ ଏହି ଗଞ୍ଜେଇ ମାଲକାନଗିରି ଥାନା କନଷ୍ଟେବଲ ମନୋଜ ମୁଦୁଲିଙ୍କ ସହାୟତାରେ ଚାଲାଣ ହେଉଥିବା ପ୍ରକାଶ କରିଥିଲେ। ଶରତଙ୍କ ବୟାନକୁ ଭିତ୍ତି କରି ପୋଲିସ ମନୋଜଙ୍କୁ ଗିରଫ କରି କୋର୍ଟଚାଲୋଣ କରିଥିବା ଜଣାପଡିଛି। ଆଇଆଇସି ରିଗାନ କିଣ୍ଡୋଙ୍କୁ ପଚାରିବାରୁ ସେ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ କନଷ୍ଟେବଲଙ୍କୁ ଗିରଫ କରାଯାଇଥିବା କହିଥିଲେ।

# ୨୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର, ୨୦।୩ (ଡି.ଏନ.ଏ.)



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ରବିବାର ରାତିରେ ନନ୍ଦପୁର କୋରାପୁଟ ଜିଲା ବ୍ଲକ ପାଡୁଆ ଥାନା ସମ୍ମୁଖରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଛି। ସେ ହେଲେ ଉପର ବାଲଡ଼ା ଗ୍ରାମର ଅରୁଣ ସେଠୀ। ଅରୁଣ ସ୍କୁଟି (ଓଡି୧୦ ୟୁ-୬୨୦୧)ରେ ଗୋଟିଏ ବସ୍ତାରେ ଗଞ୍ଜେଇ ଧରି ଆନ୍ଧ୍ର ପ୍ରଦେଶର ଆରକୁ ଅଞ୍ଚଳକୁ ଯାଉଥିବା ସମୟରେ ପୋଲିସ ହାତରେ ଧରାପଡିଥିଲେ। ଏହାକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ୨୦ କିଲୋ ୫୦୦ ଗ୍ରାମ୍ ହୋଇଥିଲା। ଗଞ୍ଜେଇ ଚାଲାଣରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ପଚରାଉଚରା ବେଳେ ସେ ଦୋରା ସୁବୁଲାର ଅଞ୍ଚଳରୁ ଗଞ୍ଜେଇ ଆଣି ଆରକୁ ଅଞ୍ଚଳକୁ ଚାଲାଣ କରୁଥିବା ସ୍ୱୀକାର କରିଥିଲେ ବୋଲି ଏସ୍‌ପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ପାଡୁଆ ଥାନାରେ ଏନଡିପିଏସ ଧାରାନୁଯାୟୀ ୪୧/୨୩ ପ୍ରକାରେ ମାମଲା ରୁଜୁ ହୋଇଛି। ଏସ୍ଆଇ ଏଚ୍ଏସ ବେନିଆ ଘଟଣାର ତଦନ୍ତ କରୁଛନ୍ତି।

# ନଳକୂପ ଖୋଳି କାମ ବନ୍ଦ କରିଛନ୍ତି ଠିକାଦାର



ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**ଅଧାପନ୍ତରିଆ ହୋଇପଡ଼ିଛି ପାନୀୟ ଜଳ ପ୍ରକଳ୍ପ**

କୋରୁକୋଣ୍ଡା, ୨୦।୩(ଡି.ଏନ.ଏ.)

ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମାଧାନ ହେଉନି ଜଳ ସମସ୍ୟା। ଦୀର୍ଘଦିନ ଧରି ଏହି ସମସ୍ୟା ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନ ନାକାମାମୁଡି ପଞ୍ଚାୟତ ରବା ଗ୍ରାମରେ ଲାଗି ରହିଛି। କୋରୁକୋଣ୍ଡା ବ୍ଲକ ସଦରଠାରୁ ୪୦ କି.ମି. ଏବଂ ପଞ୍ଚାୟତଠାରୁ ୨୦ କି.ମି. ଦୂରରେ ଥିବା ଏହି ଗ୍ରାମରେ ପ୍ରାୟ ୭୦ ପରିବାର ବସବାସ କରୁଛନ୍ତି। ପାନୀୟ ଜଳ ସମସ୍ୟା ଯୋଗୁ ଗ୍ରାମବାସୀ ନାଳ ଓ ଝରଣାର ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏନେଇ ଗ୍ରାମବସୀ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କେହି ନ ଶୁଣିବାରୁ ଶେଷରେ ଗ୍ରାମବାସୀ ଜିଲାପାଳଙ୍କୁ ନିଜ ସମସ୍ୟା ଜଣାଇଥିଲେ। ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ପାଣି ସମସ୍ୟାର ସମାଧାନ ପାଇଁ ଗ୍ରାମରେ ଏକ ନଳକୂପ ଖୋଳି ସୋଲାର ସାହାଯ୍ୟରେ ପ୍ରତ୍ୟେକ ଘରକୁ ପାଣି ଯୋଗାଇବା ପାଇଁ ଠିକାଦାରଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଦାୟିତ୍ୱ ନେଇଥିବା ଠିକାଦାର ନଳକୂପ ଖୋଳାଇବା ପରେ ଅନ୍ୟସବୁ ସରଞ୍ଜାମ ପ୍ରାୟ ଦୁଇ ମାସ ହେବ ସେଠାରେ ରଖି କାମ ବନ୍ଦ କରି ଦେଇଛନ୍ତି। ଏନେଇ ଗ୍ରାମବାସୀ ଗ୍ରାମରେ ଏକ ବୈଠକ କରି ସୋମବାର ଗ୍ରାମର କେତେ ଜଣ ମହିଳା ପୁରୁଷ ପଞ୍ଚାୟତ ସମିତିକୁ ଆସି ବିଡିଓ ବେଦବ୍ୟାସ ଭୋଇଙ୍କୁ ଲିଖିତ ରୂପେ ଦାବିପତ୍ର ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣି ଖୁବ୍‌ଶୀଘ୍ର ଗ୍ରାମର ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ୮ ଦିନ ମଧ୍ୟରେ ଯଦି ଗ୍ରାମକୁ ପାଣି ଯୋଗାଣ ନ ହେବ ତେବେ ଗ୍ରାମବାସୀ ପଞ୍ଚାୟତ ସମିତି ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଥିଲେ।

# ନୀଳକଣ୍ଠ ସାଗର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

ଜୟପୁର, ୨୦।୩(ନି.ପ୍ର.)



ପୌର ପରିଷଦ ପକ୍ଷରୁ ହେଉଥିବା ଜବରଦଖଲ ଉଚ୍ଛେଦ।

ଜୟପୁର ସହରର ନୀଳକଣ୍ଠ ସାଗର ଚତୁଃପାର୍ଶ୍ୱରେ ହୋଇଥିବା ଜବରଦଖଲ ସୋମବାର ପୌରପାଳିକା, ରାଜସ୍ୱ ବିଭାଗ ଓ ପୋଲିସ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ନୀଳକଣ୍ଠ ସାଗରର ପୁନରୁଦ୍ଧାର ହେବ । ଏନେଇ ସରକାର ପ୍ରାୟ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ନୀଳକଣ୍ଠ ସାଗର ପାର୍ଶ୍ୱରେ ରହିଥିବା ଶୌଚାଳୟ, କମ୍ୟୁନିଟିସେଣ୍ଟର, ଷ୍ଟଲ, ଘର ଆଦି ଉଚ୍ଛେଦ ହୋଇଛି । ଏହି ସମୟରେ ଟାଉନଥାନା ପୋଲିସ ପକ୍ଷରୁ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ଘଟଣା ସ୍ଥଳରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର, ସାଗରିକା ଷଡ଼ଙ୍ଗୀ, ଆରଆଇ, ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ପୋଖରୀରେ ବୁଡି ମହିଳା ମୃତ

ହିଞ୍ଜିଳିକାଟୁ,୨୦।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମରେ ସୋମବାର ପୋଖରୀରେ ବୁଡ଼ିଯାଇ ସରା ଦାଶ (୪୦)ଙ୍କ ମୃତ୍ୟୁ ଘଟିଛି। ସାରା ପୋଖରୀକୁ ଗାଧେଇବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇଥିଲେ। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀ ନିକଟକୁ ଯାଇଥିଲେ। ପୋଖରୀ ହୁଡ଼ାରେ ମହିଳାଙ୍କ ଶାଢ଼ୀ ଥିବା ଦେଖି ପାଣିରେ ବୁଡି ଯାଇଥିବା ସନ୍ଦେହ କରି ଖୋଜିଥିଲେ। ପରେ ପାଣିରୁ ତାଙ୍କର ମୃତଦେହ ଜବତ କରା ଯାଇଥିଲା। ହିଞ୍ଜିଳି ପୋଲିସ କେସ୍ ନଂ. ୬/୨୩ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଚମ୍ପାପଦରରେ ଯାଦବ ସମାଜ ପକ୍ଷରୁ ବୈଠକ

ଜୟପୁର, ୨୦।୩(ନି.ପ୍ର.)

ବୋରିଗୁମା ବ୍ଲକ ଚମ୍ପାପଦର ପଞ୍ଚାୟତରେ କୋରାପୁଟ ଜିଲା ଯାଦବ ମହାସଭାର ଏକ ବୈଠକ ଦାମୋଦର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସାଥୀରାମ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଜିଲା ସଭାପତି ମଦନ ମୋହନ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ଅବିଭକ୍ତ କୋରାପୁଟ ଜିଲା ସଂଯୋଜକ ମନୋଜ ମହାଙ୍କୁଡ଼, ପ୍ରମୋଦ ନାୟକ, ସୀମାଞ୍ଚଳ ମହାଙ୍କୁଡ଼, ଅଭିମନ୍ୟୁ ଗୌଡ଼, ନବରଙ୍ଗପୁର ଜିଲା ସମ୍ପାଦକ ପର୍ଶୁରାମ ନାୟକ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ସଭା ପରିଚାଳନା କରିଥିଲେ। ଚତୁର୍ଭୁଜ ଗୌଡ଼ ସ୍ୱାଗତ ସୂଚନା ଦେଇଥିଲେ। ଏପ୍ରିଲ ୧୬ରେ ଜୟପୁରରେ ହେବାକୁ ଥିବା 'ଗୌଡ଼ ଅଧିକାର ସମାବେଶ' ସମ୍ପର୍କରେ ଆଲୋଚନା କରି ଏହାକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ପଟାଙ୍ଗି ବ୍ଲକ ସଭାପତି ଭାବେ ମଦନ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସବ୍ୟସାଚୀ ଗୌଡ଼ଙ୍କୁ ବୋରିଗୁମା ଯୁବ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦଲମ ଗୌଡ଼, ଫଗୁଲାଲ ଗୌଡ଼, ଗୋରା ଗୌଡ଼, ପଦ୍ମନ ଗୌଡ଼, ଗୋବର୍ଦ୍ଧନ ଗୌଡ଼, ଦୈତାରୀ ଗୌଡ଼, ଟଙ୍କ ଗୌଡ଼, ନକୁଳ ଗୌଡ଼,ସୋମନାଥ ଗୌଡ଼ ପ୍ରମୁଖ ଉପସ୍ଥିତ । ଜିଲା ଯୁବ ସଭାପତି ନରେଶ ମହାକୁଳ ଧନ୍ୟବାଦ ଦେଇଥିଲେ।

# ପଖାଳ ଦିବସ ପାଳିଲେ ଯୁବଗୋଷ୍ଠୀ, ଖବରଦାତା

ଏମ୍‌ଭି ୭୯/ମାଲକାନଗିରି, ୨୦।୩(ଡି.ଏନ.ଏ.)



ଏମ୍‌ଭି-୭୯ରେ ଯୁବକମାନେ ଏକାଠି ବସି ପଖାଳ ଖାଉଛନ୍ତି ।




ମାଲକାନଗିରିରେ ଖବରଦାତାମାନେ ପଖାଳ ଦିବସ ପାଳୁଛନ୍ତି।

ସବୁବେଳେ ମଣିଷ ପଖାଳ ଭାତ ଖାଇବାକୁ ଇଛା କରିଥାଏ। ବିଶେଷ କରି ଖରାଦିନ ଆସିଲେ ଧନୀଙ୍କଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଖୋଜନ୍ତି ପଖାଳ କଂସା। ପଖାଳର ବିଭିନ୍ନ ନାମକରଣ ରହିଛି ଯଥା-ଚାଇଁ ପଖାଳ, ବାସି ପଖାଳ, ଜିରା ପଖାଳ, ଦହି ପଖାଳ। ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ଠାରେ କିଛି ଯୁବଗୋଷ୍ଠୀ ମିଶି ସୋମବାର ପଖାଳ ଦିବସ ପାଳିଛନ୍ତି। ଜିଲାରେ ବହୁ ଭାଷା ଭାଷୀ ଲୋକ ବସବାସ କରୁଥିଲେ ମଧ୍ୟ ସମସ୍ତେ ଏକାଠି ହୋଇ ଓଡ଼ିଆଙ୍କ ପ୍ରିୟ ପଖାଳକୁ ନେଇ ପାଳିତ ହେଉଥିବା ପଖାଳ ଦିବସକୁ ପାଳନ କରିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱବ୍ୟାପୀ ପଖାଳ ଦିବସ ଭାବେ ୨୦୧୧ ମସିହାରୁ ପାଳନ କରାଯାଉଛି।

ସେହିପରି ମାଲକାନଗିର ଜିଲା ସଦର ମହକୁମାସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ପଖାଳ ଦିବସ ପାଳିତ ହୋଇଛି। ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର, ମନୋଜ ମହାନ୍ତି, ସଂଘର ଜିଲା ସମ୍ପାଦକ ସତ୍ୟ ଦାସ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ତତ୍ପର୍ଯ୍ୟ ବିଷୟରେ ମତ ରଖିଥିଲେ। ଏହି ଅବସରରେ ସଂଘ କାର୍ଯ୍ୟାଳୟରେ ପଖାଳ ଭୋଜନର ବ୍ୟବସ୍ଥା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅପୂର୍ବ ଥଣ୍ଡର, ରାହୁଲ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ଶିବ ପ୍ରସାଦ ଦାସ, ବସନ୍ତ ଜେନା,ପଙ୍କଜ ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚନ୍ଦ୍ରମୌଳି ବିଷମକଟକ ଓକିଲ ସଂଘ ସଭାପତି

ବିଷମ କଟକ,୨୦।୩(ଡି.ଏନ୍.ଏ.)- ବିଷମ କଟକ ଓକିଲ ସଂଘ ନିର୍ବାଚନରେ ଚନ୍ଦ୍ରମୌଳି ପଟ୍ଟନାୟକ ସଭାପତି ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ସନ୍ତୋଷ କୁମାର ପଣ୍ଡା, ଉପସଭାପତି ଭାବେ ରାଧାରମଣ ଦାଶ, କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ରଥ, ସହ ସମ୍ପାଦକ ଭାବେ ପ୍ରଦୀପ କୁମାର ପାଢ଼ୀ ମନୋନିତ ହୋଇଛନ୍ତି । ସମସ୍ତ ସଦସ୍ୟ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ନିର୍ବାଚନ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ସମସ୍ତ ପଦାଧିକାରୀଙ୍କ ତାଲିକା ଘୋଷଣା କରିଥିଲେ ।

### ଚୈତ୍ରପର୍ବ, ରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡା ଅଫିସ,୨୦।୩-ରାୟଗଡ଼ା ସହର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରୀରାମ ନବମୀ ଏବଂ ଚୈତ୍ର ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳା ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୋଇଥିବା ଏହି ବୈଠକରେ ଆସନ୍ତା ଏପ୍ରିଲ ୧ ତାରିଖଠାରୁ ୫ ତାରିଖ ଯାଏ ମା'ଙ୍କ ସାହି ପରିକ୍ରମା କରାଯିବ ବୋଲି ସ୍ଥିର କରାଯାଇଛି। ଏହି ସମୟ ମଧ୍ୟରେ ଚଣ୍ଡୀ ହୋମ ଏବଂ ଶ୍ରୀରାମ ନବମୀ ଉତ୍ସବ ବହୁ ଆଡମ୍ବରରେ ପାଳନ କରାଯିବ। ମନ୍ଦିର ଚାରିପଟେ ମିନା ବଜାର ପଡିବ। ବୈଠକରେ ସମ୍ପାଦକ ବି. କେ. ପାଣିଗ୍ରାହୀ, କୋଷାଧ୍ୟକ୍ଷ ରାମକୃଷ୍ଣ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ବିନାୟକ କର, ରବି ସାହୁ, ଗୋପୀନାଥ ଗୌଡ଼, ମଞ୍ଜୁଶ୍ରୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଛତିଶଗଡ଼ ଚାଲାଣ ବେଳେ ଓଲଟିଲା ଧାନ ଗାଡ଼ି

ରାଇଘର, ୨୦।୩ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ସଦର ମହକୁମାରୁ କୁନ୍ଦେଇକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଯୋଡ଼ିଙ୍ଗା-ଦେଓଭରଣ୍ଡି ମଧ୍ୟରେ ଏକ ଧାନ ବୋଝେଇ ଟ୍ରକ ଓଲଟି ପଡ଼ିଛି। ଦୁର୍ଘଟଣରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉମରକୋଟରୁ ଏକ ଟ୍ରକ (ସିଜି-୧୭ସିଏ-୭୫୧୫)ରେ ଧାନ ବୋଝେଇ ହୋଇ ଛତିଶଗଡ ଯାଉଥିଲା। ଏହି ସମୟରେ କୁନ୍ଦେଇ ମୁଖ୍ୟ ରାସ୍ତାର ଯୋଡ଼ିଙ୍ଗା-ଦେଓଭରଣ୍ଡି ମଧ୍ୟରେ ଭାରସାମ୍ୟ ହରାଇ ତାହା ବିଲ ଭିତରକୁ ଓଲଟି ପଡ଼ିଥିଲା। ନିକଟରେ ଥିବା ଗାଇ ଚୋରାଳି ସଙ୍ଗେସଙ୍ଗେ ଡ୍ରାଇଭରଙ୍କୁ ବାହାର କରି ହାଟଭରଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ରାଇଘର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବର୍ତ୍ତମାନ ମଧ୍ୟ ଧାନ ମଣ୍ଡି ଜାରୀ ରହିଥିବା ବେଳେ ଓଡ଼ିଶା ଧାନ ଛତିଶଗଡ ଚାଲାଣ ହେଉଥିବା ବେଳେ ପ୍ରଶାସନ ଗୁରୁତ୍ୱ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଗାଡ଼ିରେ କେତେ ବସ୍ତା ଧାନ ରହିଛି ପୋଲିସର ତଦନ୍ତ ପରେ ଜଣାପଡ଼ିବ। ଖୁଲମ୍ ଖୁଲା ଧାନ ମୁଖ୍ୟ ରାସ୍ତା ଦେଇ ଟ୍ରକ ଯୋଗେ ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଯାଞ୍ଚ କରା ଯାଉନାହିଁ। ସୀମାନ୍ତ ଅଞ୍ଚଳ ରୂପେ ରାଇଘର ବ୍ଲକରେ ଦୁଇ ଦୁଇଟି ଥାନା ରହିଥିବାବେଳେ ମଣ୍ଡି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଖୋଲାଖୋଲିଭାବେ ଧାନ ଚାଲାଣ ହେଉଥିବାବେଳେ ଗୋଟିଏ ଗାଡି ମଧ୍ୟ ଧରା ପଡ଼ି ନାହିଁ।

# ରାୟଗଡ଼ା ବ୍ଲକରେ ସର୍ବାଧିକ ୧୦୩ ପରୀକ୍ଷାର୍ଥୀ ଅନୁପସ୍ଥିତ

ରାୟଗଡ଼ା,(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୨୦।୩

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି । ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରୀମାନେ ଖୁସି ମନାଇ ଘରକୁ ଫେରିଛନ୍ତି।

ରାୟଗଡ଼ା ଜିଲାର ୧୧ ବ୍ଲକରେ ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା ପାଇଁ ୧୧ଟି ନୋଡ଼ାଲ ସେଣ୍ଟର ଅଧୀନରେ ୫୮ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୧୧ହଜାର ୧୭୮ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୧୦,୭୩୫ ପରୀକ୍ଷା ଦେଇଥିଲେ। ୪୪୩ଜଣ ଅନୁପସ୍ଥିତ ଥିଲେ । ସେହିପରି ଦ୍ୱିତୀୟ ଦିନ ଇଂଲିଶ ପରୀକ୍ଷାରେ ୧୦ହଜାର ୭୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୪୪୬ଜଣ ଅନୁପସ୍ଥିତ ଥିଲେ । ହିନ୍ଦୀ ଓ ସଂସ୍କୃତ ପାଇଁ ମୋଟ ୧୧,୧୩୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୧୦,୬୯୪ ଜଣ ପରୀକ୍ଷା ଦେଇଛନ୍ତି, ୪୩୮ଜଣ ଅନୁପସ୍ଥିତ ଥିଲେ। ଜେନେରାଲ ସାଇନ୍ସରେ ୧୦, ୭୦୬ ଜଣ ପରୀକ୍ଷା ଦେଇଥିଲେ। ୪୩୭ଜଣ ଅନୁପସ୍ଥିତ ଥିଲେ । ୧୦,୬୯୯ ଜଣ ସୋସିଆଲ ସାଇନ୍ସ ପରୀକ୍ଷା ଦେଇଥିବା ବେଳେ ୪୩୭ଜଣ ଅନୁପସ୍ଥିତ ଥିଲେ । ଶେଷ ଦିନ ଗଣିତ ପରୀକ୍ଷା ୧୦, ୭୧୦ଜଣ ଛାତ୍ରୀଛା ପରୀକ୍ଷା ଦେଇଥିବା ବେଳେ ୪୩୭ଜଣ ଅନୁପସ୍ଥିତ ଥିଲେ । ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାର ୧୧ଟି ନୋଡ଼ାଲ ସେଣ୍ଟର ମଧ୍ୟରୁ ରାୟଗଡ଼ା ବ୍ଲକରେ ସର୍ବାଧିକ ୧ଶହରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପ୍ରତି ବିଷୟର ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ସୋମବାର ଶେଷ ଦିନରେ ଜିଲାରେ ପରୀକ୍ଷାରେ ଅନୁପସ୍ଥିତ ଥିବା ୪୩୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ରାୟଗଡ଼ା ବ୍ଲକରେ ସର୍ବାଧିକ ୧୦୩, କାଶୀପୁର ବ୍ଲକରେ ୩୮, କଲ୍ୟାସିଂହପୁର ବ୍ଲକରେ ୪୯, କୋଲନରା ବ୍ଲକରେ ୧୨, ବିଷମକଟକ ବ୍ଲକରେ ୪୬, ମୁନିଗୁଡ଼ା ବ୍ଲକରେ ୩୦, ଚନ୍ଦ୍ରପୁର ବ୍ଲକରେ ୧୯, ରାମନାଗୁଡ଼ା ବ୍ଲକରେ ୩୮, ପଦ୍ମପୁର ବ୍ଲକରେ ୨୭, ଗୁଣପୁର ବ୍ଲକରେ ୩୯ ଏବଂ ଗୁଡ଼ାରୀ ବ୍ଲକରେ ୩୬ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଓଡ଼ିଶା ରାଜ୍ୟ ମୁକ୍ତ ଶିକ୍ଷା ସଂସ୍ଥାନ ଅଧୀନରେ ମଧ୍ୟ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଜିଲାରେ ଏଥିରେ ମଧ୍ୟ ପ୍ରତ୍ୟେକ ବିଷୟରେ ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ତେବେ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତ୍ୟେକ ଦିନ ୪ଶହରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀୟ ଅନୁପସ୍ଥିତ ରହିବା ଆଶ୍ଚର୍ଯ୍ୟଜନକ ବୋଲି ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି । ପିଲା ପାଠପଢ଼ିବା ପାଇଁ ସ୍କୁଲରେ ନାମ ଲେଖାଇ ଉପସ୍ଥାନ ଦେଉଛନ୍ତି । ପରେ ସେମାନେ ଅଭିଭାବକଙ୍କ ସହ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଉଥିବା ଦେଖାଯାଉଛି। ଏ ନେଇ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ପରୀକ୍ଷା ପୂର୍ବରୁ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କୁ ନେଇ ହୋଇଥିବା ବୈଠକରେ ପିଲାଙ୍କୁ ପରୀକ୍ଷା ଦେବା ପାଇଁ ଖବର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି କହିଛନ୍ତି। ତେବେ କେଉଁ କାରଣରୁ ଫର୍ମ ପୂରଣ କରି ଛାତ୍ରୀଛାତ୍ର ପରୀକ୍ଷା ଦେଲେନାହିଁ ସେ ନେଇ ପ୍ରଧାନ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ବରିହା କହିଛନ୍ତି ।


ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି ।

**ସରିଲା ମାଟ୍ରିକ ପରୀକ୍ଷା**

### ଗୁଡ଼ାରି: ୩ କେନ୍ଦ୍ରରେ ପରୀକ୍ଷା ଦେଲେନି ୩୬ ଛାତ୍ରୀଛାତ୍ର

ଗୁଡ଼ାରି,୨୦।୩(ଡି.ଏନ୍.ଏ.)

ଗୁଡ଼ାରିରେ ମାଟ୍ରିକ ପରୀକ୍ଷା ଲାଗି ମୋଟ ୩ଟି କେନ୍ଦ୍ରରେ ୫୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୩୬ଜଣ ଅନୁପସ୍ଥିତ ରହିଥିବା ଗୁଡ଼ାରି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକୃଷ୍ଣ ଗମାଙ୍ଗ ସୂଚନା ଦେଇଛନ୍ତି। ଏସଏସଡି ବାଳିକା ହାଇସ୍କୁଲ କେନ୍ଦ୍ରରେ ମୋଟ ୧୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୦ଜଣ ପରୀକ୍ଷା ଦେଇଥିଲେ। ସେହିପରି ଗୁଡ଼ାରି ସରକାରୀ ହାଇସ୍କୁଲରେ ୨୬୬ ଜଣଙ୍କ ମଧ୍ୟରୁ ୨୫୦ଜଣ ଏବଂ ଲୋକନାଥପୁର ହାଇସ୍କୁଲରେ ୧୪୦ଜଣଙ୍କ ମଧ୍ୟରୁ ୧୩୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷାରେ ଛାତ୍ରୀଛାତ୍ର କାହିଁକି ଅନୁପସ୍ଥିତ ରହିଲେ ସେ ସମ୍ପର୍କରେ ବିଦ୍ୟାଳୟକୁ କାରଣ ମଗାଯିବ ବୋଲି ସୂଚନା ମିଳିଛି। ୩ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ସହ ସମାପ୍ତ ହୋଇଛି । ଗୁଡ଼ାରି ପୋଲିସ ତରଫରୁ ପ୍ରତ୍ୟେକ କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଥିଲା।

# ୩ ମାସ ହେଲା ପିଇବା ପାଣି ମିଳୁନି

ଟିକିରି,୨୦।୩(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ୩ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହାର ପ୍ରତିବାଦରେ ସୋମବାର ପୃଥକ ଦୁଇଟି ସ୍ଥାନରେ ମହିଳାମାନେ ବାଲ୍ଟି, ମାଠିଆ ଧରି ରାସ୍ତାରୋକୋ କରିଛନ୍ତି। ଟିକିରି ଝୋଡିଆ ସାହିରେ ପିଇବା ପାଣି ଯୋଗାଣ ପାଇଁ ବହୁ ଟଙ୍କା ବ୍ୟୟରେ ପ୍ରକଳ୍ପ ହୋଇଛି। ପ୍ରତ୍ୟେକ ଘରକୁ ପାଣି ପାଇଁ ଷ୍ଟାଣ୍ଡ ପୋଷ୍ଟ ଲଗାଯାଇଛି। ହେଲେ ପାଣି ଆସୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ପ୍ରତିବାଦରେ ଦୋରାସାହି ବାସିନ୍ଦା ଦୋରା ସାହିରେ ଓ ହରିଜନ ସାହିବାସୀ ଟିକିରି ମେଡିକାଲ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ଗାଡିମୋଟର ଅଟକି ରହିଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିଥିଲେ ସୁଦ୍ଧା ଲୋକେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ନ ମିଳିଲେ ରାସ୍ତାରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିଲେ। ପ୍ରାୟ ୮ ଘଣ୍ଟା ରାସ୍ତା ଅବରୋଧ ପରେ ପିଇଓ ସୁନିଲ କୁମାର ବ୍ରହ୍ମା, ଜେଇ ସୁବେସ କୁମାର ରଥ ଓ ସରପଞ୍ଚ ଜଗବନ୍ଧୁ ମାଝି ଆନ୍ଦୋଳନସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଜେଇ ଲିଖିତ ଭାବେ ୩/୪ ଦିନ ମଧ୍ୟରେ ମରାମତି କରି ସାହିକୁ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ରାସ୍ତାରୋକରୁ ହଟିଛନ୍ତି।

ସୂଚନାଯୋଗ୍ୟ, ଟିକିରିରେ ପୂର୍ବରୁ ଲୋକେ ଦୂଷିତ ପାଣି ପିଇ ଝାଡାବାନ୍ତିରେ ପଡ଼ିଥିଲେ। ଏପରିକି କେତେଜଣ ମୃତ୍ୟୁମୁଖରେ ମଧ୍ୟ ପଡ଼ିଥିଲେ। ଯାହାକି ଜିଲା ତାହା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ବର୍ତ୍ତମାନ ଅନୁନ୍ନତ ଅଞ୍ଚଳବାସୀ ପିଇବା ପାଣି ପାଇଁ ଝରଣା ଓ ନଦୀ ଉପରେ ନିର୍ଭର କରୁଥିବାରୁ ପୁଣି ଝାଡାବାନ୍ତି ବ୍ୟାପିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ଦାବି ହେଉଛି।

**ଟିକିରିର ପୃଥକ ସ୍ଥାନରେ ରାସ୍ତାରୋକୋ**


ମହିଳାମାନେ ବାଲ୍ଟି, ମାଠିଆ ଧରି ରାସ୍ତାରୋକୋ କରିଛନ୍ତି।

### ତିଳୋତ୍ତମାର ଉଦ୍‌ଘାଟନୀ ଉତ୍ସବ

ରାୟଗଡା ଅଫିସ,୨୦।୩

ରାୟଗଡ଼ା ସହର ନିୟୁ କଲୋନୀଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲରେ ରବିବାର ତିଲୋତ୍ତମା ସାହିତ୍ୟ ଓ ସଂସ୍କୃତିର ସୂତ୍ରଧରର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ କଥା କବିତା ପାଠ କାର୍ଯ୍ୟକ୍ରମ ମଧ୍ୟ ହୋଇଛି। ଏଡିଏମ ସୋମନାଥ ପ୍ରଧାନ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ନାୟକ, ଶିକ୍ଷାବିତ କେ. ମହାନ୍ତି ପ୍ରମୁଖ ଏହାର ଉଦଘାଟନ କରିଛନ୍ତି। ଆଗାମୀ ଦିନରେ ରାୟଗଡାରେ ନବ ଯୁବ ପ୍ରତିଭା ସାହିତ୍ୟିକ ସୃଷ୍ଟି କରିବାର ସଂକଳ୍ପ ନେଇଛି ତିଲୋତମା। ଅଧ୍ୟାପକ ନୀଳାଚଳ ମିଶ୍ର ସାହିତ୍ୟର ଆବଶ୍ୟକ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଓଡ଼ିଆ ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ, ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରିନ୍ସପାଲ ନିରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ସାହିତ୍ୟର ବିକାଶ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରତି ମାସରେ ଏପରି କବିତା ପାଠ କାର୍ଯ୍ୟକ୍ରମ କରିବା ଦରକାର ବୋଲି କହିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ, ଇଂଲିଶ ଅଧ୍ୟାପକ ଉଦୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନୀଳମଣି ପାଟଯୋଶୀ ପରିଚାଳନା କରିଛନ୍ତି । କାର୍ଯ୍ୟକ୍ରମରେ ଲେଖକ, ସାହିତ୍ୟିକ, ଗାଳ୍ପିକଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷାରେ ଭାଙ୍ଗିଲା ଘର

ଚନ୍ଦ୍ରପୁର,୨୦।୩(ଡି.ଏନ୍.ଏ.)

ଅଦିନଆ ବର୍ଷାରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ଅଧୀନ ବର୍ତିଗୁଡ଼ା ଗ୍ରାମର ଅନନ୍ତ ଗଗେରେଙ୍ଗାଙ୍କ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଅନନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ଏବେ କେଉଁଠି ରହିବେ ଚିନ୍ତାରେ ପଡ଼ିଛନ୍ତି। ବୁଡ଼ିବାଲି ସରପଞ୍ଚ ଭୀମ ଗଗେରେଙ୍ଗା କହିଛନ୍ତି ଯେ, ଅତ୍ୟଧିକ ପବନ ଓ ବର୍ଷା ଫଳରେ ଅନନ୍ତଙ୍କ ଘରର ସମ୍ମୁଖ ଭାଗର ଦୁଇଟି ଟିଣ ଉଡ଼ିଯାଇଛି। ଘର ପଛପାର୍ଶ୍ୱ କାନ୍ଥ ଭୁଶୁଡ଼ି ପଡ଼ିଛି। ତାଙ୍କୁ ସାହାର୍ଯ୍ୟ ପାଇଁ ଉଦ୍ୟମ କରିବେ ବୋଲି ସରପଞ୍ଚ କହିଛନ୍ତି।



# ଗଛ ପଡ଼ି ରାସ୍ତା ଅବରୋଧ


ରାସ୍ତାରେ ପଡ଼ିଥିବା ଗଛକୁ କାଟି ସଫା କରାଯାଉଛି।

ଚନ୍ଦ୍ରପୁର,୨୦।୩(ଡି.ଏନ୍.ଏ.)

ସୋମବାର ଅପରାହ୍ନରେ ହଠାତ୍ ଭୀଷଣ ପବନ ସାଙ୍ଗକୁ ବର୍ଷା ଯୋଗୁ ମୁନିଗୁଡ଼ା-ଚନ୍ଦ୍ରପୁର ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଏକ ଗଛ ଭାଙ୍ଗିପଡ଼ିଛି। ହନୁମନ୍ତପୁର-ଚନ୍ଦ୍ରପୁର ମଧ୍ୟବର୍ତ୍ତୀ ବର୍ତିଗୁଡ଼ା ଗ୍ରାମ ନିକଟରେ ବିରାଟ ଗଛ ଭାଙ୍ଗି ପଡ଼ିବା ଯୋଗୁ ରାୟଗଡ଼ାଠାରୁ ଚନ୍ଦ୍ରପୁର ଯାଉଥିବା ସରକାରୀ ଏବଂ ଏକ ବେସରକାରୀ ବସ ଚଳାଚଳ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ହୋଇ ପାରି ନ ଥିଲା। ଚନ୍ଦ୍ରପୁର ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ କାଟି ରାସ୍ତା ସଫା କରିଥିଲେ । ପରେ ବସ ଚଳାଚଳ ସ୍ୱାଭାବିକ ହୋଇଛି।

# ସାମାନ୍ୟ ବର୍ଷାରେ ସହରରେ ଜମିଲା ପାଣି

ଗୁଣପୁର,୨୦।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହରରେ ସୋମବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ବର୍ଷା ହୋଇଥିଲା। ଏହି ସମାନ୍ୟ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଲୋକେ ପାଣି ଘେରରେ ରହିବା ସହ ସେଥିରେ ଯା' ଆସ କରୁଥିବା ଦେଖାଯାଇଥିଲା। ସହରର ଡେରାସାହି, ମର୍ଣ୍ଣିଂ ଷ୍ଟ୍ରିଟ ସହ ପୁରୁଣା ବସଷ୍ଟାଣ୍ଡ, ମାର୍କେଟ ଛକ ଭଳି ସ୍ଥାନ ଗୁଡିକରେ ପାଣି ଜମି ରହିଥିଲା। ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସିଥିଲା। ପୌରପରିଷଦ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି।


ଡେରା ସାହି ରାସ୍ତାରେ ପାଣି ଜମି ରହିଛି।

# ଗୁଣପୁର ମ୍ୟୁନିସିପାଲିଟିରେ ଉନ୍ନୟନ କାର୍ଯ୍ୟ ଠପ୍

ଗୁଣପୁର,୨୦।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ମ୍ୟୁନିସିପାଲିଟି ଉନ୍ନୟନ କାର୍ଯ୍ୟ ଠପ୍ ହୋଇଛି। ଖର୍ଚ୍ଚ ହୋଇ ନ ପାରି ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପଡିରହିଛି। ଅନ୍ୟପକ୍ଷରେ ଶେଷ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକର ପ୍ରାପ୍ୟ ମଧ୍ୟ ଠିକାଦାରଙ୍କୁ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜନପ୍ରତିନିଧି ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁନି। ସହରର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ହେଲେ ଏଠାରେ ଖର୍ଚ୍ଚ ହୋଇପାରୁନି। କାଉନସିଲ ବୈଠକରେ ନିଆଯାଇଥିବା ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହୋଇପାରୁନାହିଁ। ପୌର ପରିଷଦ ଗଠନର ବର୍ଷେ ବିତିବାକୁ ଯାଉଥିବା ବେଳେ ମାତ୍ର ଦୁଇଟି ବୈଠକ ହୋଇଛି। ଗତ ଅକ୍ଟୋବରରୁ ଆଉ ବୈଠକ ହୋଇପାରିନି କି ନୂଆ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ରାମନାଗୁଡା ବିଡିଓ ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସହ ଗୁଣପୁର ବ୍ଲକର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଜଣେ ଅଧିକାରୀ ୩ଟି ଦାୟିତ୍ୱରେ ଥିବାରୁ ଠିକ କାର୍ଯ୍ୟ ତୁଲାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଗୁଣପୁର ପୌର ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ପଡି ରହୁଥିବା ଦେଖାଯାଉଛି। ସଫେଇ କାର୍ଯ୍ୟ ସହ ପରିମଳ ବ୍ୟବସ୍ଥା ସହରରେ ଫେଲ ମାରିଛି। ବିଭିନ୍ନ ସାହିଗୁଡିକର ଉନ୍ନୟନ କାର୍ଯ୍ୟ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଟେଣ୍ଡର ପାଇଁ ରହିଛି। ତାହା ମଧ୍ୟ ଆଗକୁ ପଡି ପାରୁନାହିଁ। ନିର୍ବାହୀ ଅଧିକାରୀ ଜଣଙ୍କ ଦାୟିତ୍ୱ ନେବା ପରେ ପୌର ପରିଷଦର ଜନପ୍ରତିନିଧିଙ୍କ ମଧ୍ୟରେ କୌଣସି ବିଚାର ଆଲୋଚନା ହୋଇନାହିଁ। ପୌର ପରିଷଦର ବୈଠକ ହୋଇ ପ୍ରସ୍ତାବ ଅନୁସାରେ ବିଭିନ୍ନ ୱାର୍ଡର ଉନ୍ନତି ପାଇଁ ୫୩ ଟି ପ୍ରକଳ୍ପର ବ୍ୟୟଅଟକଳ ସହ ଟେଣ୍ଡର ପାଇଁ ରହିଛି। ହେଲେ ପୌର ଅଧିକାରୀଙ୍କ ଦସ୍ତଖତ ହୋଇ ନ ଥିବାରୁ ସେହି କାର୍ଯ୍ୟ ମଧ୍ୟ ଆଗେଇ ପାରୁନାହିଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦକୁ ଠିକାଦାରମାନେ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରାପ୍ୟ ପାରିନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପରିମଳ ସେବା ପାଇଁ ୬ଟି ନୂଆ ଗାଡି ଆସିଥିଲେ ବି ସେ ବାବଦକୁ ପ୍ରାପ୍ୟ ଦିଆଯାଇନାହିଁ। ଟଙ୍କା ଦିଆଯାଇ ନ ଥିବାରୁ ଟିଫା ମେଶିନ ମଧ୍ୟ ଆସିପାରୁନାହିଁ। ଏପରି ଅନେକ ଅବ୍ୟବସ୍ଥାରେ ଚାଲିଥିବା ଗୁଣପୁର ପୌର ପରିଷଦ ପ୍ରତି ସରକାର ଦୃଷ୍ଟି ଦେବାକୁ ବିଭିନ୍ନ ସ୍ତରରେ ଦାବି ହେବା ପରେ ସୋମବାର ପୌର ପରିଷଦର ନିର୍ବାହୀ ଅଧିକାରୀ ବିଲଗୁଡିକ ପିଛିଲା ତାରିଖ ପକାଇ ଦସ୍ତଖତ କରିଥିବା ଜଣାପଡିଛି। ଏ ନେଇ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ ।

# ବର୍ଷାରେ ୭ ଏକର ତରଭୁଜ ଚାଷ ନଷ୍ଟ

ରାୟଗଡା ଅଫିସ,୨୦।୩

ରାୟଗଡା ଜିଲାରେ ଶନିବାର ହୋଇଥିବା ପ୍ରବଳ ବର୍ଷାରେ ବିଭିନ୍ନ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ମୁଖ୍ୟତଃ ପରିବା ଓ ଫଳ ଚାଷ ବିଶେଷ କ୍ଷତି ହୋଇଛି। ରାୟଗଡା ବ୍ଲକ ପେଣ୍ଟା ଅଞ୍ଚଳରେ ତରଭୁଜ ଚାଷ ନଷ୍ଟ ହୋଇଛି। ନିଜ ଜମି ନ ଥିବାରୁ ଆର. ପାନ୍ଥୁଲୁନାଇ ଓ ତାଙ୍କ ସ୍ତ୍ରୀ ପାର୍ବତୀ ଅନ୍ୟର ୭ ଏକର ଜମି ଭାଗକୁ ଆଣି ତରଭୁଜ ଚାଷ କରିଥିଲେ। ହେଲେ ଲାଭ ହେବା ବଦଳରେ ଦମ୍ପତିଙ୍କୁ କ୍ଷତି ସହିବାକୁ ପଡିଛି। ସେମାନେ ସୁନା ବନ୍ଧକ ରଖିବା ସହ ୬ ଲକ୍ଷ ଟଙ୍କା ଧାରକରଜ କରି ଚାଷ କରିଥିଲେ। ଆନ୍ଧ୍ର ଏବଂ ରାୟଗଡାରୁ ପ୍ରାୟ ୧ ଲକ୍ଷ ଟଙ୍କାର ମଞ୍ଜି ଆଣି ଲଗାଇଥିଲେ। ସାର ଦେଇ ଗଛ ବଢ଼ାଇବା ପରେ ଫଳ ମଧ୍ୟ ହୋଇଥିଲା। ହେଲେ ବର୍ଷା ଯୋଗୁ ତରଭୁଜ ସବୁ ଗଛରେ ନଷ୍ଟ ହୋଇଗଲା। କ୍ଷତି ହୋଇଥିଲେ ସୁଦ୍ଧା ଜମି ମାଲିକଙ୍କୁ ଲିଜ ଟଙ୍କା ଦେବାକୁ ବାଧ୍ୟ ବୋଲି ପାର୍ବତୀ କହିଛନ୍ତି। ନିଜର ଜମି ନାହିଁ ବୋଲି ସରକାରଙ୍କର ତରଫରୁ କ୍ଷତିପୂରଣ ମିଳିବନି ବୋଲି ସେ ନିରାଶ ହୋଇ କହିଛନ୍ତି। ସେପଟେ ଚାଷ ବିଷୟରେ ଉପଯୁକ୍ତ ପରାମର୍ଶ ପାଇ ନ ଥିବାରୁ ଏପରି କ୍ଷତି ହୋଇଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ କହୁଛନ୍ତି। ଚାଷୀଙ୍କୁ ସଚେତନ କରିବାକୁ ଦାବି ହେଉଛି। ଏନେଇ ଉଦ୍ୟାନ ବିଭଗ ଡେପୁଟି ଡାଇରେକ୍ଟର ପତିତପାବନ ସାମନ୍ତରାୟ କହିଛନ୍ତି, ପେଣ୍ଟା ଅଞ୍ଚଳରେ ସେଭଳି କିଛି କ୍ଷତି ହୋଇଥିବା ଆମ ନଜରରେ ନାହିଁ। ଏହାର ତଦନ୍ତ କରାଯିବ। ସରକାରୀ ନିୟମ ଅନୁଯାୟୀ ଚାଷୀ ସହାୟତା ପାଇପାରିବେ ବୋଲି କହିଛନ୍ତି। ଅନ୍ୟପଟେ କ୍ଷୟକ୍ଷତି ସମ୍ପର୍କରେ ସେପରି କିଛି ତଥ୍ୟ ଆସିନି ବୋଲି ଅତିରିକ୍ତ ତହସିଲଦାର ପର୍ଶୁରାମ ବାଡ୍ରା କହିଛନ୍ତି।


ଜମିରେ ପଡିଥିବା ତରଭୂଜ ।

**ଉଦ୍ୟାନ ବିଭଗ ପାଖରେ ଖବର ନାହିଁ**

## ସଂକ୍ଷେପରେ

### ଛତିଶଗଡ଼ ଚାଲାଣ ବେଳେ ଓଲଟିଲା ଧାନ ଗାଡ଼ି



ରାଇଘର, ୨୦।୩ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ସଦର ମହକୁମାରୁ କୁନ୍ଦେଇକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଯୋଡ଼ିଙ୍ଗା-ଦେଓଭରଣ୍ଡି ମଧ୍ୟରେ ଏକ ଧାନ ବୋଝେଇ ଟ୍ରକ ଓଲଟି ପଡ଼ିଛି। ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉମରକୋଟରୁ ଏକ ଟ୍ରକ (ସିଜି-୧୭ସିଏ-୭୫୧୫)ରେ ଧାନ ବୋଝେଇ ହୋଇ ଛତିଶଗଡ ଯାଉଥିଲା। ଏହି ସମୟରେ କୁନ୍ଦେଇ ମୁଖ୍ୟ ରାସ୍ତାର ଯୋଡ଼ିଙ୍ଗା-ଦେଓଭରଣ୍ଡି ମଧ୍ୟରେ ଭାରସାମ୍ୟ ହରାଇ ତାହା ବିଲ ଭିତରକୁ ଓଲଟି ପଡ଼ିଥିଲା। ନିକଟରେ ଥିବା ଗାଇ ଚୋରାଳି ସଙ୍ଗେସଙ୍ଗେ ଡ୍ରାଇଭରଙ୍କୁ ବାହାର କରି ହାଟଭରଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ରାଇଘର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବର୍ତ୍ତମାନ ମଧ୍ୟ ଧାନ ମଣ୍ଡି ଜାରୀ ରହିଥିବା ବେଳେ ଓଡ଼ିଶା ଧାନ ଛତିଶଗଡ ଚାଲାଣ ହେଉଥିବା ବେଳେ ପ୍ରଶାସନ ଗୁରୁତ୍ୱ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଗାଡ଼ିରେ କେତେ ବସ୍ତା ଧାନ ରହିଛି ପୋଲିସର ତଦନ୍ତ ପରେ ଜଣାପଡ଼ିବ। ଖୁଲମ୍ ଖୁଲା ଧାନ ମୁଖ୍ୟ ରାସ୍ତା ଦେଇ ଟ୍ରକ ଯୋଗେ ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଯାଞ୍ଚ କରା ଯାଉନାହିଁ। ସୀମାନ୍ତ ଅଞ୍ଚଳ ରୂପେ ରାଇଘର ବ୍ଲକରେ ଦୁଇ ଦୁଇଟି ଥାନା ରହିଥିବାବେଳେ ମଣ୍ଡି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଖୋଲାଖୋଲିଭାବେ ଧାନ ଚାଲାଣ ହେଉଥିବାବେଳେ ଗୋଟିଏ ଗାଡି ମଧ୍ୟ ଧରା ପଡ଼ି ନାହିଁ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଟିକିଟି,୨୦।୩(ଡି.ଏନ.ଏ.)-ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ଜଙ୍କସନ ରେଳଧାରଣାରୁ ରବିବାର ରାତିରେ ରେଳବାଇ ପୋଲିସ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଦିଗପହଣ୍ଡି ଗ୍ରାମର ସନ୍ଦୀପ ପଟ୍ଟନାୟକ (୨୩)। ସନ୍ଦୀପ ଜିଏଟି ପରୀକ୍ଷା ଦେଇଥିଲେ। ରବିବାର ଅକୃତିକାର୍ଯ୍ୟ ନ କରିପାରିବାରୁ ସନ୍ଧ୍ୟାରେ ରେଳଧାରଣାରେ ଆତ୍ମହତ୍ୟା କରିଥିଲେ। ଗୋଳନ୍ଥରା ପୋଲିସଠାରୁ ଖବର ପାଇ ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ନଂ. ୨୨/୨୩ ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଅମଳ ବେଳରେ ଦାଉ ସାଧିଲା ପଶ୍ଚିମା ଝଡ଼

- ବର୍ଷା, କୁଆପଥର ପ୍ରଭାବରେ ବ୍ୟାପକ ମକା ଫସଲ ନଷ୍ଟ
- ଋଣ ଶୁଝିବା, ପରିବାର ପ୍ରତିପୋଷଣ ଚିନ୍ତାରେ ଚାଷୀ
- କ୍ଷତିପୂରଣ ନ ମିଳିଲେ ଚାଷୀଙ୍କ ଆତ୍ମହତ୍ୟା ଚେତାବନୀ

ଉମରକୋଟ, ୨୦।୩(ସ୍ୱ.ପ୍ର.)

ଅଦିନିଆ ବର୍ଷାର ପ୍ରଭାବରେ ମକାଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ପଶ୍ଚିମାଝଡ଼ ପ୍ରଭାବରେ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ୨ଦିନରେ ୬୪.୨୦ମି.ମି. ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଅତି ଜୋରରେ ପବନ ବହିବା ଯୋଗୁ ବହୁ ପରିମାଣର ମକାଚାଷ ନଷ୍ଟ ହୋଇଛି। ପଶ୍ଚିମାଝଡ଼ ପ୍ରଭାବରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଅନେକ କ୍ଷତି ହୋଇଛି। ଉମରକୋଟ ବ୍ଲକର ମୂର୍ତ୍ତୁମା, ଚିକଲପଦର, ବେହେଡ଼ା, ଖଡ଼କା, ସିଲାଟି ବେନରା ଭଳି ଅଞ୍ଚଳରେ ବହୁ ପରିମାଣରେ ମକା ଫସଲ ନଷ୍ଟ ହୋଇଛି। ଅନେକ ଏକର ମକାଚାଷ ମାଟିରେ ମିଶିଯାଇଛି। ବର୍ତ୍ତମାନ ଅମଳ ସମୟ। ମକା ଗଛରେ ଫଳ ଫଳିବା ଆରମ୍ଭ ହୋଇଥିଲା। ଆଉ ମାସକ ମଧ୍ୟରେ ଅମଳ ହୋଇଥାନ୍ତା, କିନ୍ତୁ ପଶ୍ଚିମାଝଡ଼ ସବୁ ଉଜାଡ଼ି ଦେଇଛି ବୋଲି କହି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରବିଋତୁରେ ଜଳସେଚନ ଥିବା ଜମିରେ ମକାଚାଷ ପାଇଁ ଏକର ପିଛା ପ୍ରାୟ ୨୨ ହଜାରରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଚାଷୀ କରଜ କରି ମକାଚାଷ କରିଥିଲେ। ବର୍ତ୍ତମାନ ଋଣ ଶୁଝିବା ଓ ପରିବାର ପ୍ରତିପୋଷଣ କରିବା ଚିନ୍ତାରେ ଚାଷୀ। କୃଷି ବିଭାଗ କିମ୍ବା ରାଜସ୍ୱ ବିଭାଗର କୌଣସି ଅଧିକାରୀ କ୍ଷୟକ୍ଷତି ଅଞ୍ଚଳକୁ ବର୍ତ୍ତମାନ ସୁଦ୍ଧା ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଗତ ବର୍ଷ ମଧ୍ୟ କ୍ଷୟକ୍ଷତିରେ କୌଣସି ଆର୍ଥିକ ସହାୟତା ଚାଷୀ ପାଇନାହାନ୍ତି। ଚଳିତ ଥର ଯଦି ସେଭଳି ହୁଏ ଆମେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଚାଷୀ ଦୁଃଖରେ କହିଛନ୍ତି। ଘଟଣା ସମ୍ପର୍କରେ କୃଷି ଜିଲା ଅଧିକାରୀ ବିଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଜିଲାର ଚାରିଟି ବ୍ଲକରେ କ୍ଷୟକ୍ଷତି ଘଟିଛି। ବିଭାଗର କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନକରି କ୍ଷୟକ୍ଷତି ଆକଳନ କାର୍ଯ୍ୟରେ ଲାଗିଛନ୍ତି। ରିପୋର୍ଟ ଆସିଲେ ସରକାରଙ୍କୁ ଜଣାଇ ଦିଆଯିବ। ବିପର୍ଯ୍ୟୟ କ୍ଷୟକ୍ଷତି ନିୟମ ଅନୁଯାୟୀ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ସେ କହିଛନ୍ତି।



ବର୍ଷା, ପବନ ପ୍ରଭାବରେ ଉଜୁଡ଼ିଯାଇଥିବା ଏକ ମକା କ୍ଷେତ।

# ସରିଲା ମାଟ୍ରିକ ପରୀକ୍ଷା

- ନବରଙ୍ଗପୁରରେ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି ୩ ନାବାଳିକା ବିବାହିତା ଛାତ୍ରୀ
- ସଚେତନତା ସତ୍ତ୍ୱେ କମୁନି ବାଲ୍ୟ ବିବାହ

ନବରଙ୍ଗପୁର, ୨୦।୩(ବି.ପ୍ର.)

ସରିଲା ମାଟ୍ରିକ୍ ପରୀକ୍ଷା। ସୋମବାର ଶେଷ ଦିନରେ ଗଣିତ ପରୀକ୍ଷା ହୋଇଛି। ନବରଙ୍ଗପୁରର ଏକ ହାଇସ୍କୁଲର ୩ ଜଣ ଦଶମ ଶ୍ରେଣୀ ଛାତ୍ରୀ ବିବାହ ପରେ ପରୀକ୍ଷା ପାଇଁ ଫର୍ମଫିଲାପ କରିଥିଲେ। ସେଥିମଧ୍ୟରୁ ଜଣେ ଗର୍ଭବତୀ ଥିବାରୁ ପରୀକ୍ଷାଦେଇ ନ ଥିବା ଜଣାପଡ଼ିଛି। ଜଣେ ଛାତ୍ରୀ ପ୍ରେମ ବିବାହ କରି ୭ ମାସ ହୋଇଛି। ସେ ଜଣେ ମିସ୍ତ୍ରୀଙ୍କୁ ବିବାହ କରିଛନ୍ତି। ବିବାହ ଯୋଗ୍ୟ ବୟସ ପରେ ସ୍ୱାମୀଙ୍କ ସହ ରହିବାକୁ ସାହିଲୋକ କହିବାରୁ ସେ ବିବାହ ପରେ ବାପଘରେ ରହୁଛନ୍ତି। ଅନ୍ୟ ଜଣେ ଛାତ୍ରୀଙ୍କୁ ପରିବାର ଲୋକ ଜଣେ ଡ୍ରାଇଭରଙ୍କ ସହ ବିବାହ କରିଛନ୍ତି। ଜଣେ ସମସ୍ତ ପରୀକ୍ଷରେ ଅବଜେକ୍ଟିଭ ପ୍ରଶ୍ନରେ ୨୮୦ ମାର୍କ ଆସିବ ବୋଲି କହିଛି। ଅନ୍ୟ ଜଣେ ୨୯୦ ମାର୍କ ଆସିବ ବୋଲି କହିଛି। ତେବେ ଏଠି ପ୍ରଶ୍ନ ଉଠୁଛି ଛାତ୍ରୀମାନେ ପାଠ ପଢିବା ସମୟରେ ବିବାହ ହେଲେ ତାହା ବିଦ୍ୟାଳୟର କେହି ମଧ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ନାହିଁ। ନାବାଳିକା ବିବାହ ତଥା ଚାଇଲ୍ଡ ମ୍ୟାରେଜକୁ ନେଇ ଅନେକ ସଚେତନ କରାଯାଉଛି। ଅଙ୍ଗନୱାଡି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏହା କିଭଳି ଜାଣି ପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି।

# ଡିଏଲ୍ଏସ୍‌ର ଆଇନ ସଚେତନତା ଶିବିର




କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ବିଭିନ୍ନ ଆଇନ ଉପରେ ସଚେତନ କରାଯାଉଛି।

ନନ୍ଦାହାଣ୍ଡି/ନବରଙ୍ଗପୁର, ୨୦।୩(ଡି.ଏନ୍.ଏ./ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍) ପକ୍ଷରୁ ନନ୍ଦାହାଣ୍ଡି ବ୍ଲକ ଅଧୀନ ରଙ୍ଗମାଟିଗୁଡ଼ା ୟୁଜିଏମ୍ଇ ବିଦ୍ୟାଳୟରେ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ଆଇନଜୀବୀ, ପାରାଲିଗାଲ ସଦସ୍ୟ ଏବଂ ରଙ୍ଗମାଟିଗୁଡ଼ା ଗ୍ରାମବାସୀଙ୍କୁ ନେଇ ଅନୁସୂଚିତ ଜାତି ଏବଂ ଜନଜାତି ଅତ୍ୟାଚାର ନିରୋଧକ ଅଧିନିୟମ, ସ୍ଥାୟୀ ଲୋକ ଅଦାଲତ ଓ ସାର୍ବଜନିକ ଉପଯୋଗିତା ସେବା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଲ୍ଏସ୍ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଡିଏଲ୍ଏସ୍ ସଚିବ ଜନକ ରାଉତ ସ୍ଥାୟୀ ଲୋକ ଅଦାଲତ ଓ ସାର୍ବଜନିକ ଉପଯୋଗିତା ସେବା ବିଷୟରେ ସଚେତନ କରିଥିଲେ। ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଆଇନଜୀବୀ ରାଜକିଶୋର ନାଗ, ଆଇନଜୀବୀ କିଶୋରୀ ପଟ୍ଟନାୟକ ଓ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଡିଏଲ୍ଏସ୍ ସଚିବ ପରିଚାଳନା କରିଥିଲେ।

# ମହିଳାଙ୍କୁ ସଶକ୍ତ କରି ଦଳରେ ସାମିଲ ଲକ୍ଷ୍ୟ

### ବିଜେଡିର ମହିଳା ମୋର୍ଚ୍ଚା ସମାବେଶ

ପାପଡାହାଣ୍ଡି/ଡାବୁଗାଁ,୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଓ ଡାବୁଗାଁରେ ବିଜେଡି ମହିଳା ମୋର୍ଚ୍ଚା ସମାବେଶ ଅନୁଷ୍ଠିତ ହୋଇଛି। ମହିଳାମାନଙ୍କୁ ସଶକ୍ତିକରଣ କରି ଅଧିକରୁ ଅଧିକ ମାତ୍ରାରେ ବିଜେଡିରେ ସାମିଲ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଉଭୟ କାର୍ଯ୍ୟକ୍ରମରେ ଅତିଥିମାନେ ବିଜେଡିର ସୁଶାସନ, ଏସ୍ଏଚ୍ଜିଙ୍କୁ ସଶକ୍ତିକରଣ, ମହିଳାଙ୍କୁ ଶିକ୍ଷିତ କରି ତାଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ଉପରେ ମତ ଦେଇଥିଲେ।

ନବରଙ୍ଗପୁର ଜିଲା ପାପଡାହାଣ୍ଡିସ୍ଥିତ ଶହୀଦ ମିନାରରେ ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁଳା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଜିଲା ମହିଳା ମୋର୍ଚ୍ଚା ପର୍ଯ୍ୟବେକ୍ଷକ ରୁନୁ ଜେନା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଭାବେ ଯୋଗଦେଇଥିଲେ। ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ବ୍ଲକ କାର୍ଯ୍ୟକାରୀ ସଭାପତି ତୁଳସା ଭତରା, ଆଦିବାସୀ ବିକାଶ ପରିଷଦ ଉପସଭାନେତ୍ରୀ ଭାନୁମତି ପୂଜାରୀ, ପାପଡାହାଣ୍ଡି ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଚନ୍ଦ୍ରା ମାଝି, ସୁଜାତା ନାୟକ, ଭଗବତୀ ଭତରା, ତ୍ରିନାଥ ପ୍ରଧାନ, ଶିବ ପ୍ରସାଦ ଅଗ୍ରୱାଲ, ପରେଶ ଜେନା, ଡାବୁଗାଁ ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ସଭାପତି ରାଜେନ୍ଦ୍ର କଟିମ, ଅକ୍ଷୟ ସାହୁ , କୁଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ଡାବୁଗାଁ ବ୍ଲକ ସଦରସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକ ବିଜେଡିସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲା ମହିଳା ପର୍ଯ୍ୟବେକ୍ଷକ ରୁନୁ ଜେନା ଏହି ସମାବେଶରରେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ମହିଳା ସଭାପତି ମଞ୍ଜୁଳା ମାଝି, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜୋନ-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଜୋନ -୨ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଡାବୁଗାଁ ମହିଳା ବ୍ଲକ ସଭାପତି ହୀରା ହରିଜନ, ଉପସଭାପତି ଏ. ଚନ୍ଦ୍ର କଳା, ବ୍ଲକ ମହିଳା ମିଡିଆ ସେଲ ସବିତା ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକର ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।



ପାପଡ଼ାହାଣ୍ଡିରେ ଆୟୋଜିତ ସମାବେଶରେ ଉପସ୍ଥିତ ଅତିଥିମାନେ।

# ଓଜେୟୁର ଜିଲା ସାଧାରଣ ପରିଷଦ ବୈଠକ

ନବରଙ୍ଗପୁର,୨୦।୩(ବି.ପ୍ର.)

ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ନବରରଙ୍ଗପୁର ଜିଲା ଶାଖାର ସାଧାରଣ ପରିଷଦ ବୈଠକ ଆର୍‌ଏମସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ସାମ୍ବାଦିକମାନଙ୍କ ପାଇଁ କର୍ପସ ପାଣ୍ଠିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସାମ୍ବାଦିକମାନେ ନିଜର ବୃତ୍ତି ଠିକ ଭାବେ କରିବାକୁ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗଦେଇ ସମାଜର ବିକାଶରେ ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେମାନଙ୍କର ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରିବାକୁ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ ଯୋଗଦେଇ ସାମ୍ବାଦିକଙ୍କର ଏକତା ଓ ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ରାଜ୍ୟରେ ସରକାର ସାମ୍ବାଦିକ ସୁରକ୍ଷା ଆଇନ କରିଛନ୍ତି। ଓଡ଼ିଶାରେ ତୁରନ୍ତ ଏହି ଆଇନ ପ୍ରଣୟନ କରିବାକୁ ସେ ଦାବି କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କେ. ଶ୍ରୀନିବାସ ରାଓ, ରାଜ୍ୟ ଉପଦେଷ୍ଟା ରାକେଶ ଗୁପ୍ତା, ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ ପ୍ରମୁଖ ଯୋଗଦେଇ ଦାବି ଉପସ୍ଥାପନ କରିଥିଲେ। ଜିଲା ସଭାପତି ଶିବ ଶଙ୍କର ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ଜାନକୀକାନ୍ତ ବିଷୋୟୀ ସମ୍ପାଦକୀୟ ବିବରଣୀ ପାଠ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଉପସଭାପତି ମିଟୁ ପଟ୍ଟନାୟକ, ଜିଲା ସମ୍ପାଦକ କେ. ବେଣୁ ଗୋପାଳ ରାଓ, ଦେବୀ ପ୍ରସାଦ ମହାପାତ୍ର, ଉପଦେଷ୍ଟା ଭାଗିରଥୀ ମଲ୍ଲିକ, ଶିବ ବିଷୋୟୀ, ଶ୍ରୀହରି ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ୮୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲେ ।

# କଂଗ୍ରେସର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ ।

ଡାବୁଗାଁ, ୨୦।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ପଥପ୍ରାନ୍ତରେ ୫ ଟି ସଚିବ ଭି. କେ ପଣ୍ଡିଆନଙ୍କ ନବରଙ୍ଗପୁର ଗସ୍ତକୁ ନେଇ ଡାବୁଗାଁ ବ୍ଲକ କଂଗ୍ରେସ ଏକ ଖବରଦାତା ସମ୍ମିଳନୀ ସୋମବାର ଅପରାହ୍ନରେ କରିଛଇ। ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି ଏଥିରେ ଯୋଗ ଦେଇଥିଲେ। ୫-ଟି ସଚିବ ନବରଙ୍ଗପୁର ଜିଲାର ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଦଳ ଅଭିଯୋଗ କରିଛି। ନବରଙ୍ଗପୁର ଜିଲାର ସବୁଠାରୁ ପୁରାତନ ତଥା ଡାବୁଗାଁର କେଲିଆ ଶୈବପୀଠ, ପାପଡାହାଣ୍ଡି ବ୍ଲକର ଶିବ ମନ୍ଦିର ଓ ଶହୀଦ ମିନାରକୁ ସଚିବ ଗସ୍ତ କରିନାହାନ୍ତି କି ତାହାର ଉନ୍ନତି ପାଇଁ କୌଣସି ଆଲୋଚନା କରିନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ୨୦୧୭-୧୮ରେ ମୁଖ୍ୟମନ୍ତ୍ରୀ ପାପଡାହାଣ୍ଡି ବ୍ଲକର ସେମଳାରେ ମକା ଫ୍ୟାକଟ୍ରି ପାଇଁ ଶୁଭ ଦେଇଥଲେ ମଧ୍ୟ ତାହା ଏବେଯାଏ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲାରେ ଚାଷ ପାଇଁ ପାଣି ସମସ୍ୟା, ଜିଲା ଭିତ୍ତିକ ନିଯୁକ୍ତି, ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର, ବିଭିନ୍ନ ଅପରେଟର ପଦବୀ ଖାଲି ପଡିଥିବାବେଳେ ତାହା ସଚିବଙ୍କ ନଜରକୁ ଆସିନାହିଁ ବୋଲି ପାପଡ଼ାହାଣ୍ଡି ଜୋନ-୨ ଜିଲାପରିଷଦ ସଭ୍ୟା ଡା. ଲିପିକା ମାଝି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଜୋନ-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ-୨ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଆଶୁତୋଷ ଜେନା, ରାମେଶ୍ୱର ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିନା ପ୍ରଚାର ପ୍ରସାରରେ ଚାଲିଛି ପ୍ରଶାସନର ଅଭିଯୋଗ ଶୁଣାଣି

ଉମରକୋଟ, ୨୦।୩(ସ୍ୱ.ପ୍ର.)

ଜିଲା ସଦର ମହକୁମାଠାରୁ ଦୂରରେ ଥିବା ଲୋକଙ୍କ ସୁବିଧା ପାଇଁ ସବୁ ବ୍ଲକ୍ ସଦର ମହକୁମାରେ ଅନୁଷ୍ଠିତ ହେଉଛି ଲୋକଙ୍କ ଅଭିଯୋଗ ଶୁଣାଣି। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ, ଏସ୍‌ପିଙ୍କଠାରୁ ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣନ୍ତି। ଲୋକେ କିଛି ମାତ୍ରାରେ ନ୍ୟାୟ ପାଇବାରେ ସଫଳ ହୁଅନ୍ତି। ଉମରକୋଟ ବ୍ଲକର ଅଭିଯୋଗ ଶୁଣାଣୀ ବ୍ଲକକାର୍ଯ୍ୟାଳୟରେ ହେଇଥାଏ। କିନ୍ତୁ ପ୍ରଥମ ଥର ପାଇଁ ସୋମବାର ଏହା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଇଥିଲା। ଅଭିଯୋଗ ଶୁଣାଣି ପାଇଁ ପରିଷଦ ପକ୍ଷରୁ ଲୋକଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇନଥିଲା। ଏପରି କି ଖବରଦାତାଙ୍କୁ ମଧ୍ୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇ ନଥିଲା। ସବୁ ସାହିର ଲୋକଙ୍କ ଅଭିଯୋଗ ରହିଛି କିନ୍ତୁ ଲୋକେ ଜନ ଶୁଣାଣି କାର୍ଯ୍ୟକ୍ରମ ବିଷୟରେ ଜାଣିପାରିଲେ ନାହିଁ ଓ ସେମାନଙ୍କ ଅଭିଯୋଗ ଜିଲାପାଳଙ୍କୁ ଜଣାଇ ପାରିଲେ ନାହିଁ। ଲୋକଙ୍କୁ ଓ ଖବରଦାତାଙ୍କୁ ସୂଚନା ଦେଲେ ପୌର ପରିଷଦର ଦୁର୍ବଳତା କାଳେ ପଦାରେ ପଡ଼ିଯିବ ଲହି ଆଶାଙ୍କାରେ ଜଣାଗଲା ନାହିଁ ବୋଲି ସଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ଥର ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି ବେଳେ ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି ବୋଲି ଲୋକେ ଦାବି କରୁଛନ୍ତି। ପ୍ରଚାର ପ୍ରସାର କାହିଁକି କରାଯାଇ ନାହିଁ ସେ ବିଷୟରେ ଜାଣିବା ପାଇଁ ନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ତାଙ୍କ ମୋବାଇଲ ନଂ.୯୪୩୭୬୭୧୯୯୦ରେ ଫୋନ୍‌ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାହାକୁ ଉଠାଇ ନ ଥିଲେ।

# ଅଧିକାଂଶ ସମୟ ରହୁନାହାନ୍ତି ଅଧିକାରୀ, ସେବା ପାଇବାରୁ ଲୋକେ ବଞ୍ଚିତ

ତେନ୍ତୁଳିଖୁଣ୍ଟି, ୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲଦାର ପ୍ରଦୀପ କୁମାର କର ଅଧିକାଂଶ ସମୟ ଅଫିସରରେ ରହୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ବିଭିନ୍ନ ପ୍ରମାଣପତ୍ର ଆଦି ପାଇବାରେ ଅସୁବିଧା ହେଉଛି। ତହସିଲଦାର ବିନା ଛୁଟିରେ ଦୀର୍ଘଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଅଞ୍ଚଳବାସୀ ତାଙ୍କ ନାମରେ ଆଣିଛନ୍ତି।

ସୂଚନାନୁଯାୟୀ, ତହସିଲରେ ମ୍ୟୁଟେଶନ ଓ ଏଲଏ କେଶ,୧୦୭ ସିଆରପିସି କେଶ, ଡି ମାର୍କେସନ ଆଦି ବିଳମ୍ବିତ ହେଉଥିବା ନେଇ ନବରଙ୍ଗପୁର ବାର ଆସୋସିଏଶନ ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁଶେଖର ତ୍ରିପାଠୀଙ୍କ ସମେତ କେତେଜଣ ଆଇନଜୀବୀ ତହସିଲଦାରଙ୍କୁ ଭେଟି ଗତ ୪ ଫେବୃଆରୀରେ ଆଲୋଚନା କରିଥିଲେ। କେସ୍ ତ୍ୱରାନ୍ୱିତ କରି ଜନସାଧାରଣଙ୍କୁ ସେବା ଅଧିକାର ଆଇନ ଅନୁସାରେ ଧାର୍ଯ୍ୟ ସମୟରେ ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ଏହାର ସୁଫଳ ମିଳିବା ପରିବର୍ତ୍ତେ ବିନା ଛୁଟିରେ ଗତ ୨୪ ଫେବୃୟାରୀରୁ ୧୪ ମାର୍ଚ୍ଚ ପର୍ଯ୍ୟନ୍ତ ତହସିଲଦାର ହେଡ଼କ୍ୱାଟରରେ ନ ଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ବିଭିନ୍ନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରେ ମ୍ୟୁଟେସନ ଓ ଡିମାର୍କେସନ ପାଇଁ ଅନେକ ଦିନ ହେଲାଣି ଆବେଦନ କରିଥିବା ବେଳେ କାର୍ଯ୍ୟ ହୋଇନି ବୋଲି କହିଛନ୍ତି ବାରଙ୍ଗପଦରର ମାଧବ ଟାକ୍ରୀ, ଡଙ୍ଗାଝରଣର ଶିବ ପ୍ରସାଦ ହରିଜନ, ହିର୍ମିମୁଣ୍ଡାର ରାଜୀବ ମାଝି, ଟଭା ବେସ୍ରା, ପଣସପଦରର ଜୟ ଦାନ ବେନ୍ୟା। ଏଥିସହ କାର୍ଯ୍ୟାଳୟ କର୍ମଚାରୀଙ୍କୁ ମଧ୍ୟ ଠିକ୍ ସମୟରେ ଦରମା ମିଳୁ ନ ଥିବା ଅଭିଯୋଗ ହେଉଛି। ଜିଲାପାଳଙ୍କ ପତ୍ର ସଂଖ୍ୟା ୨୪୭ ତା ୧୧/୦୫/୨୨ ଅନୁଯାୟୀ କୌଣସି ତହସିଲଦାର ଛୁଟିରେ ଯିବାକୁ ହେଲେ ଅତିରିକ୍ତ ଜିଲାପାଳଙ୍କୁ ଆବେଦନ କରିବେ। ମଞ୍ଜୁର ହେବା ପରେ ହିଁ ଛୁଟିରେ ଯାଇ ପାରିବେ ବୋଲି ନିୟମ ରହିଛି। ତହସିଲଦାର ଦୀର୍ଘଦିନ କାର୍ଯ୍ୟାଳୟ ନ ଆସିବା ସମ୍ପର୍କରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ତହସିଲଦାର ପ୍ରଦୀପ କରଙ୍କ ଅନୁପସ୍ଥିତି ସମ୍ପର୍କରେ ସେ ଅବଗତ ନଥିଲେ। ଏଥିସହ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଇନ୍ଦ୍ରାବତୀ ପୁନର୍ବାସ ଥଇଥାନ ବିଭାଗ ପ୍ରକଳ୍ପ ପ୍ରଶାସକ ଦାୟିତ୍ୱ ତେନ୍ତୁଳିଖୁଣ୍ଟି ତହସିଲଦାରଙ୍କୁ ମିଳିଛି। ଫେବୃୟାରୀ ମାସ କି ଚଳିତ ମାସରେ ତହସିଲଦାର ପ୍ରକଳ୍ପ ପୁନର୍ବାସ ଥଇଥାନ କାର୍ଯ୍ୟାଳୟକୁ ଆସି ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସରକାରୀ ନିୟମକୁ ଉଲ୍ଲଘଂନ କରି ତହସିଲଦାର ବିଭିନ୍ନ ସମୟରେ ଜମି କିଣା ଓ ଜମିର କିସମ ପରିବର୍ତ୍ତନରେ କିଛି ସଂସ୍ଥାକୁ ସହଯୋଗ କରିବା, ଚରମୂଳା, କାମତା ଓ ପଣସପଦର ଗ୍ରାମରେ ଥିବା ଜମିକୁ କେତେଜଣ ବ୍ୟକ୍ତିଙ୍କ ନାମରେ ପଞ୍ଜିକୃତ କରାଇ ପରେ ଘରୋଇ କମ୍ପାନୀକୁ ଦେଇଦେବା ଭଳି ଅଭିଯୋଗ କରିଛନ୍ତି ଲୋକେ। ପୁନର୍ବାସ ଥଇଥାନ ହିତାଧିକାରୀ ପୁନର୍ବାସ ଥଇଥାନ ପ୍ୟାକେଜରୁ ବଞ୍ଚିତ ହୋଇଛନ୍ତି। କାମତାରେ ପ୍ରାୟ ୨୦ରୁ ୩୦ହେକ୍ଟର ଜମି କାରବାର ଅନ୍‌ଲାଇନ ପରିବର୍ତ୍ତେ ଅଫ୍‌ଲାଇନରେ ତହସିଲଦାରଙ୍କ ସହଯୋଗରେ କରାଯାଉଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ଅଫିସ କାମରେ ବାହାରେ ଥିଲି ବୋଲି ସେ କହିଛନ୍ତି। ଏଥିସହ ଅନ୍ୟ ଅଭିଯୋଗଗୁଡିକ ସମ୍ପର୍କରେ ତାଙ୍କୁ ପଚାରିବାରୁ, ଅଭିଯୋଗ ଭିତ୍ତିହୀନ ଓ ସେ ସରକାରୀ ନିୟମାନୁଯାୟୀ ସମସ୍ତ କାମ କରିଛନ୍ତି ବୋଲି କହିଛନ୍ତି।

# ଦାବି ପୂରଣ ହେଉ ନ ଥିବାରୁ ଫେରାଇଲେ ରାଶନ, ପେନସନ କାର୍ଡ

### ବିଡିଓଙ୍କୁ ଭେଟି ସମସ୍ୟା ଜଣାଇଲେ ବରଡାଝୋଡି, ଲଦୀପଦର ଗ୍ରାମବାସୀ

- ସମସ୍ୟା ସମାଧାନ ନ ହେବା ଯାଏ ସରକାରୀ ସହାୟତା ନ ନେବା ଚେତାବନୀ
- ଦାବିପୂରଣ ପ୍ରତିଶ୍ରୁତି ଦେଲେ ଅଧିକାରୀ

ତେନ୍ତୁଳିଖୁଣ୍ଟି, ୨୦।୩(ଡି.ଏନ୍.ଏ.)



ବିଡିଓଙ୍କୁ ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

ବରଡାଝୋଡି ଓ ଲଦିପଦର ଗ୍ରାମବାସୀ ନିଜର ମୌଳିକ ସମସ୍ୟା ସମାଧାନ ପାଇଁ ବାରମ୍ବାର ଦାବି କରିବା ସହ ଭୋଟ ବର୍ଜନ ଚେତାବନୀ ଦେଇଥିଲେ ମଧ୍ୟ ତାହାର ସୁଫଳ ମିଳିନାହିଁ। ଏହାର ବିରୋଧରେ ସେମାନେ ସୋମବାର ବିଡିଓ ଦୁର୍ଯୋଧନ ଭୋଇଙ୍କୁ ଭେଟି ନିଜ ରାଶନ ଓ ପେନସନ କାର୍ଡ ଫେରାଇ ଦେଇଥିଲେ। ସମସ୍ୟା ସମାଧାନ ନ ହେବା ଯାଏ କୌଣସି ସରକାରୀ ସାହାର୍ଯ୍ୟ ନେବେନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଅଳ୍ପ ଦିନ ମଧ୍ୟରେ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାନୁଯାୟୀ, ବରଡାଝୋଡି ଓ ଲଦିପଦର ଗ୍ରାମରେ ମୌଳିକ ସମସ୍ୟା ରହିଛି। ପାନୀୟ ଜଳ ସମସ୍ୟା, ରାସ୍ତା, ବରଡାଝୋଡି ପ୍ରାଥମିକ ବିଦ୍ୟାଳୟ ପୁନଃ ଖୋଲିବାକୁ ସେମାନଙ୍କ ଦାବି ରହିଛି। ବାରମ୍ବାର ଦାବି ପୂରଣ ପାଇଁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସୋମବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓଙ୍କୁ ଭେଟିଥିଲେ। ଲେଲି ଲହରା, ବିବନ ଜାନୀ, ମାଝି ଜାନୀ, ସମାରୁ ଜାନୀ, ରଥୀ ଜାନୀ, ସିନ୍ଧେଇ ଜାନୀ ପ୍ରମୁଖଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ପେନଶନ, ରାସନ କାର୍ଡ ରଖି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ସରକାରୀ ସାହାଯ୍ୟ ନେବେନାହିଁ ବୋଲି ଅଡ଼ି ବସିଥିଲେ। ବିଡିଓ ତୁରନ୍ତ ସହକାରୀ ଯନ୍ତ୍ରୀ ଆଶିଷ ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଡାକି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉକ୍ତ ଦୁଇଟି ଗ୍ରାମପାଇଁ ୨ଟିପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟା କରାଇବା ସହ ସପ୍ତାହକ ମଧ୍ୟରେ ରାସ୍ତା କାମ ଆରମ୍ଭ ହେବ ବୋଲି କହିଥିଲେ। ଗାଁକୁ ଯାଇ ପାନୀୟ ଜଳ ର ସ୍ଥିତି ଯାଞ୍ଚ କରି ସମାଧାନ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ କେ. ସନ୍ତୋଷଙ୍କୁ ପଠାଇ ଥିଲେ। ନଳକୂପ ଆଦିର ମରାମତି କରିବା ସହ ଆବଶ୍ୟକ ସ୍ଥଳେ ୭ ଦିନ ମଧ୍ୟରେ ନଳକୂପ ଖନନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ସୌମେନ୍ଦ୍ର ଭୋମିକଙ୍କୁ ୨୦୨୩-୨୪ ଶିକ୍ଷା ବର୍ଷରୁ ବନ୍ଦ ଥିବା ବରଡାଝୋଡି ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ କହିଥିଲେ। ସେ ଏଥିରେ ସମ୍ମତି ପ୍ରକାଶ କରିଥିବା ଜଣାପଡ଼ିଛି। ସାତ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ ପ୍ରତିଶ୍ରୁତି ପରେ ଗ୍ରାମବାସୀ ନିଜ ନିଜ କାର୍ଡ ନେଇ ଫେରିଥିଲେ। ବିଇଓ ଭୌମିକଙ୍କୁ ସ୍କୁଲ ଖୋଲିବା ସମ୍ପର୍କରେ ପଚାରିବାରୁ ପିଲା ସଂଖ୍ୟା କମ ଥିବାରୁ ସ୍କୁଲ ବନ୍ଦ କରାଯାଇଛି। ତାହାକୁ ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶ ଆସିନି ବୋଲି କହିଛନ୍ତି। ବିଡିଓଙ୍କ ସହ ଭୀମସେନ ପାଣିଗ୍ରାହୀ, ଦିଲ୍ଲୀପ ପ୍ରଧାନୀ ଓ ପ୍ରହ୍ଲାଦ ହିଆଲ ଜନତାଙ୍କ ପାଇଁ ଆଲୋଚନାରେ ସହଯୋଗ କରିଥିଲେ।

